Bhubaneswar- 15 may 2026
ଭୁବନେଶ୍ୱର- ୧୫ ମେ’ ୨୦୨୬
Vol-1 Issue -19
ଭାଗ- ୧ ସଂଖ୍ୟା- ୧୯
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

**ରାଜ୍ୟରେ ତେଲର ଘୋର ସଙ୍କଟ**

# ପେଟ୍ରୋଲ ପମ୍ପରେ ଲାଗିଛି ଲମ୍ବା ଲାଇନ୍

- ଭୟଭୀତ ହୋଇ ଆଦୌ ତେଲ କିଣନ୍ତୁ ନାହିଁ
- ଯଥେଷ୍ଟ ପରିମାଣରେ ତେଲ ମହଜୁଦ ଅଛି : ଯୋଗାଣ ସଚିବ
- ଟାଙ୍କିର ପରିଚାଳନା ଅଭାବ ଯୋଗୁଁ ଡ୍ରାଏ ଆଉଟ ସ୍ଥିତି
- ୨୮ ଶହ ପେଟ୍ରୋଲ ପମ୍ପରୁ ମାତ୍ର ୨୦ରୁ ୩୦ଟି ରେ ତେଲ ନାହିଁ
- ତୈଳ ସଙ୍କଟ ଯୋଗୁ ପ୍ରଭାବିତ ଘରୋଇ ବସ୍ ଚଳାଚଳ
- ୨ ହଜାର ବସ୍ ଚଳାଚଳ ବନ୍ଦ ହେଲାଣି
- ରାଜ୍ୟରେ ତୈଳ ସଙ୍କଟ ନାହିଁ: ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ

**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଦେଖାଦେଇଛି ତେଲ ସଙ୍କଟ। କୋଉଠି ପେଟ୍ରୋଲ ପମ୍ପ ବନ୍ଦ ତ କେଉଁଠି ତେଲ ପାଇଁ ଲାଗିଛି ଲମ୍ବା ଲାଇନ୍। ସୋର, ତେଲକୋଇ, ଭଦ୍ରକ, ଭଞ୍ଜନଗର, ବଲାଙ୍ଗୀର, ଯାଜପୁରରେ ବିଭିନ୍ନ ପେଟ୍ରୋଲ ପମ୍ପରେ ତେଲ ସଙ୍କଟ ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପରେ ଆବଶ୍ୟକ ଠାରୁ କମ ମାତ୍ରାରେ ଗ୍ରାହକଙ୍କୁ ତେଲ ଦିଆଯାଉଛି। ଯାହାଫଳରେ ଗ୍ରାହକ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି କେନ୍ଦୁଝର ଜିଲ୍ଲା ତେଲକୋଇରେ ପେଟ୍ରୋଲ ପାଇଁ ଲୋକଙ୍କୁ ୨୦ରୁ ୩୦ କିମି ଯିବାକୁ ପଡୁଛି। ଭଦ୍ରକ, ଭଞ୍ଜନଗର, ବଲାଙ୍ଗୀର, ଯାଜପୁରରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଅନ୍ୟପଟରେ ରାଜ୍ୟରେ ତେଲ ସଙ୍କଟ ନାହିଁ। ପେଟ୍ରୋଲ ଓ ଡିଜେଲ ଯଥେଷ୍ଟ ମହଜୁଦ ରହିଛି। ରାଜ୍ୟରେ ଥିବା ୨୮ ଶହ ପେଟ୍ରୋଲ ପମ୍ପରୁ ମାତ୍ର ୨୦ରୁ ୩୦ଟି ତେଲ ଟାଙ୍କିରେ ତେଲ ସରିଯାଇଛି। କିଛି ପେଟ୍ରୋଲ ପମ୍ପ ମାଲିକ ଟଙ୍କା ଡିପୋଜିଟ୍ କରୁନଥିବାରୁ ସେମାନଙ୍କୁ ତେଲ ମିଳିନଥିବ । ଖୁବ୍ ଶୀଘ୍ର ରାଜ୍ୟର ସମସ୍ତ ଟାଙ୍କିରେ ତେଲ ପହଞ୍ଚିବ ବୋଲି ଯୋଗାଣ ବିଭାଗ ପ୍ରମୁଖ ସଚିବ ସଂଜୟ ସିଂ କହିଛନ୍ତି। ଡ୍ରାଏ ଆଉଟ ସ୍ଥିତି ପେଟ୍ରୋଲ ଟାଙ୍କିର ପରିଚାଳନା ଅଭାବ ଯୋଗୁ ଦେଖାଦେଇଛି। ତେଲ ଅଭାବ ଯୋଗୁ ଆଦୌ ଡ୍ରାଏ ଆଉଟ ସ୍ଥିତି ଦେଖାଦେଇନି। ସ୍ୱାଭାବିକ ସ୍ଥିତିରେ ୨୦/୨୨ଟି ତେଲ ଟାଙ୍କିରେ ଡ୍ରାଏ ଆଉଟ ସ୍ଥିତି ଦେଖାଯାଏ। ଏଭଳି ଡ୍ରାଏ ଆଉଟ ସ୍ଥିତିର ମନିଟରିଂ ଚାଲିଛି, ବ୍ୟବସ୍ଥା କରିବୁ। ଭୟଭୀତ ହୋଇ ଆଦୌ ତେଲ କିଣନ୍ତୁ ନାହିଁ। ଘରୋଇ ବସ ମାଲିକ ସଂଘର ଆଶଙ୍କା ଭିତ୍ତିହୀନ, ବସ ଚାଲିବାରେ ଅସୁବିଧା ନାହିଁ । ଯେଉଁମାନେ ତେଲର କଳାବଜାରୀ କରିବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ଯୋଗାଣ ସଚିବ ।

ରାଜ୍ୟର ଅନେକ ଟାଙ୍କିରେ ପେଟ୍ରୋଲ ନଥିବାରୁ ଲାଗିଛି ନୋ ଷ୍ଟକ୍ ବୋର୍ଡ଼ । ଆଉ ଯେଉଁଠି ପେଟ୍ରୋଲ ଅଛି ସେଠି ଲାଗିଛି ଗ୍ରାହକଙ୍କ ଲମ୍ବା ଲାଇନ୍ । ଆଗକୁ କାଳେ ତେଲ ମିଳିବନି,ତେଲ ଦର ବଢ଼ିଯିବ,ସେଇ ଆଶଙ୍କାରେ ଅନେକ ଜାଗାରେ ଲୋକେ ଅଧିକ ମାତ୍ରାରେ ପେଟ୍ରୋଲ ନେଉଥିବାରୁ ଟାଙ୍କି ଗୁଡ଼ିକରେ ଷ୍ଟକ୍ ସରିଯାଉଛି । ହଠାତ୍ ପେଟ୍ରୋଲ କିଣିବା ପରିମାଣ ୫୦ ପ୍ରତିଶତ ବଢ଼ିଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି



ହୋଇଛି । ସେହିପରି ପେଟ୍ରୋଲ-ଡିଜେଲ ଅଭାବ ସ୍ଥିତିକୁ ନେଇ ଉତ୍କଳ ପେଟ୍ରୋଲିୟମ ଡିଲର ସଂଘ ସାଧାରଣ ସମ୍ପାଦକ ସଂଜୟ ଲାଠ କହିଛନ୍ତି,ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଡିଜେଲ ମହଜୁଦ୍ ଅଛି । କିଛି ସ୍ଥାନରେ ଲୋକେ ଅଧିକ ମାତ୍ରାରେ ତେଲ କିଣିବା ଯୋଗୁଁ ତେଲ ଟାଙ୍କିରୁ ତେଲ ସରିଯାଇଛି । ଟିକେ ସମୟ ଦେଲେ ସେ ସବୁ ଟାଙ୍କିରେ ତେଲ ପହଞ୍ଚିଯିବ । ସେହିପରି ତୈଳ ସଙ୍କଟ ଯୋଗୁ ପ୍ରଭାବିତ ହୋଇଛି ଘରୋଇ ବସ୍ ଚଳାଚଳ । ରାଜ୍ୟରେ ୧୪ ହଜାର ଘରୋଇ ବସ ଚଳାଚଳ କରୁଥିବା ବେଳେ ଏବେ ପାଖାପାଖି ୨ ହଜାର ବସ୍ ଚଳାଚଳ ବନ୍ଦ ହୋଇଗଲାଣି। ପେଟ୍ରୋଲ ପମ୍ପରେ ତେଲ ନମିଳିବା ଯୋଗୁ ବିଭିନ୍ନ ଜିଲ୍ଲାରୁ ବସ୍ ଚଳାଚଳ ବନ୍ଦ ରହିଛି । ଅନେକ ଗାଁ ଗହଳିକୁ ଗଡୁନି ବସ୍ । ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଆଶଙ୍କା କରାଯାଉଛି । ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ଘରୋଇ ବସ୍ ମାଲିକ ସଂଘ ଦାବି କରିଛି । ସରକାର ଦୃଷ୍ଟି ନଦେଲେ ଆଗକୁ ପରିସ୍ଥିତି ଉତ୍କଟ ହେବା ଆଶଙ୍କା କରିଛି ମାଲିକ ସଂଘ ।

### ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

# ଚାଲିଗଲା ୧୫ ଜଣଙ୍କ ଜୀବନ !

## ରାସ୍ତା ଉପରେ ଛିଟିକି ପଡ଼ିଲା ଖଣ୍ଡ ବିଖଣ୍ଡିତ ଶରୀର



**ଇନ୍ଦୋର:** ମଧ୍ୟପ୍ରଦେଶ ଦେବାସର ଏବି ରୋଡ ପାର୍ଶ୍ୱରେ ଥିବା ଟଙ୍କକାଲାରେ ଚାଲିଥିବା ଏକ ବାଣ କାରଖାନାରେ ଏକ ବଡ଼ ବିସ୍ଫୋରଣ ସମଗ୍ର ଅଞ୍ଚଳକୁ ଥରାଇ ଦେଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ନିକଟସ୍ଥ ଘରର କାନ୍ଥ ମଧ୍ୟ ଦୋହଲି ଯାଇଥିଲା। କାରଖାନାରେ କାମ କରୁଥିବା ଅନେକ ଶ୍ରମିକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି, ଯେତେବେଳେ ମୃତ୍ୟୁର ରିପୋର୍ଟ ମଧ୍ୟ ଆସୁଛି। ସ୍ଥାନୀୟ ବାସିନ୍ଦା ଦାବି କରୁଛନ୍ତି ଯେ ମୃତ୍ୟୁ ସଂଖ୍ୟା ୧୫ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ତଥାପି, ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସରକାରୀ ନିଶ୍ଚିତକରଣ ହୋଇନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବିସ୍ଫୋରଣ ପରେ ରାସ୍ତାରେ ମାଂସ ଏବଂ ଶରୀରର ଖଣ୍ଡ ଖଣ୍ଡ ଅଂଶ ବିଛାଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଏହି ଦୁଃଖଦ ଘଟଣା ପରେ, ସମଗ୍ର ଅଞ୍ଚଳ ଚିତ୍କାର, ଆତଙ୍କ ଏବଂ ବିଶୃଙ୍ଖଳାର ପରିବେଶରେ ଆଚ୍ଛାଦିତ ହୋଇଯାଇଥିଲା।ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ କାରଖାନା ଖୋଲାଖୋଲି ଭାବରେ ବାଣ ତିଆରି କରିବା ପାଇଁ ବାରୁଦ ଗଚ୍ଛିତ କରୁଥିଲା ଏବଂ ସୁରକ୍ଷା ମାନଦଣ୍ଡକୁ କ୍ରମାଗତ ଭାବରେ ଅଣଦେଖା କରାଯାଉଥିଲା। ଗ୍ରାମବାସୀ କହିଛନ୍ତି ଯେ ଅନେକ ଅଭିଯୋଗ ସତ୍ତ୍ୱେ, ଦାୟୀ ସରକାରୀ ବିଭାଗ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛି। ଏହି ଘଟଣା ପରେ, ଅଞ୍ଚଳର ଗ୍ରାମଗୁଡ଼ିକରେ ବ୍ୟାପକ କ୍ରୋଧ ପ୍ରକାଶ ପାଇଛି। କାରଖାନା ମାଲିକ ଅନିଲ ମାଲବ୍ୟଙ୍କ ସମ୍ପର୍କରେ ଗମ୍ଭୀର ପ୍ରଶ୍ନ ଉଠାଇ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି ଯେ ଏହି ସଂସ୍ଥା ରାଜନୈତିକ ପୃଷ୍ଠପୋଷକତା ପାଇଥିଲା। ଗ୍ରାମବାସୀଙ୍କ ମଧ୍ୟରେ ଏହା ମଧ୍ୟ ଅନୁମାନ କରାଯାଉଛି ଯେ ମହେନ୍ଦ୍ର ସିଂହ ସୋଲାଙ୍କି (ସାଂସଦ) କିମ୍ବା ତାଙ୍କ ନିକଟ ସହଯୋଗୀଙ୍କ ସହ କାରଖାନାର ସମ୍ପର୍କ ଅଛି। ଆଜି ସକାଳେ ଖୋଲା ସ୍ଥାନରେ ବିପୁଳ ପରିମାଣର ବାରୁଦ ପଡ଼ିଥିବାର ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି, ଯାହା ଜନସାଧାରଣଙ୍କ କ୍ରୋଧକୁ ଆହୁରି ବଢ଼ାଇ ଦେଇଛି।

### ୫୨ ଲକ୍ଷ ଟଙ୍କା ହଡ଼ପ ମାମଲା

# କଟକ ଜିଲ୍ଲା ଶିକ୍ଷା ବିଭାଗ କର୍ମଚାରୀ ଗିରଫ

**କଟକ :** ପ୍ରାୟ ୫୨ଲକ୍ଷ ଟଙ୍କା ହଡ଼ପ ମାମଲାରେ କଟକଜିଲ୍ଲା ଶିକ୍ଷା ବିଭାଗ (ଡିଇଓ)ର ଜନୈକ କର୍ମଚାରୀ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ପକ୍ଷରୁ ଜାରି ସୂଚନାନୁସାରେ, ବିଭାଗର ଏଚ୍‌ଆରଏମ୍‌ଏସ୍ (ହ୍ୟୁମାନ୍ ରିସୋର୍ସ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍) ପୋର୍ଟାଲ୍‌ରେ ହେରଫେର କରି କେତେକ ଅଣକର୍ମଚାରୀଙ୍କୁ କର୍ମଚାରୀ ଭାବେ ଯୋଡ଼ି ସେମାନଙ୍କୁ ଦରମା ପ୍ରଦାନ କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ, ୩୧ ଡିସେମ୍ବର ୨୦୧୮ରୁ ୧୬ ଅକ୍ଟୋବର ୨୦୨୧ ମଧ୍ୟରେ କର୍ମଚାରୀଙ୍କୁ ଦିଆଯାଇଥିବା ଦରମା ଆଦିରେ ହେରଫେର ହୋଇଥିବା ଜଣାପଡ଼ିଥିଲା। ବାରଙ୍ଗ ନାରାଜ ସିଦ୍ଧେଶ୍ୱର ବିଦ୍ୟାମନ୍ଦିରର ସୁବାସ ଚନ୍ଦ୍ର ସାହୁ କଟକ ଡିଇଓ ରେ କାର୍ଯ୍ୟ କରିବା ବେଳେ ହିସାବ ବିଭାଗ ସହ ଜଡ଼ିତ ଥିଲେ ଏବଂ ଏଚ୍‌ଆରଏମ୍‌ଏସ୍ ଓ ଆଇଏଫ୍‌ଏମ୍‌ଏସ୍ (ଇଣ୍ଟିଗ୍ରେଟେଡ୍ ଫାଇନାନ୍ସ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍) ସମ୍ଭାଳୁଥିଲେ। ଏହି ସମୟରେ ଡିଡିଓ (ଡ୍ରଇଂ ଆଣ୍ଡ୍ ଡିସବର୍ସିଂ ଅଧିକାରୀ)ଙ୍କ ଆକାଉଣ୍ଟ୍‌କୁ ଅନଧିକାର ପ୍ରବେଶ କରି ୪ଜଣ ଅଣ କର୍ମଚାରୀଙ୍କ ନାମକୁ କର୍ମଚାରୀ ଭାବେ ଯୋଡ଼ିଥିଲେ। ସେମାନଙ୍କ ବ୍ୟାଙ୍କ୍ ଖାତାକୁ ଦରମା ଆଦି ଟଙ୍କା ନିୟମିତ ଭାବେ ଯାଉଥିଲା ଓ ଯେଉଁଦିନ ଟଙ୍କା ଜମା ହେଉଥିଲା ସେହିଦିନ ହିଁ ସେହି ଟଙ୍କା ଉଠାଇ ନିଜ ଖାତାରେ ଭର୍ତ୍ତି କରୁଥିଲେ। ଏହି ଘଟଣାରେ ଭିଜିଲାନ୍ସ ଟିମ୍ ତନାଘନା କରିବା ପରେ ସମସ୍ତ ପ୍ରମାଣ ଯୋଗାଡ଼ କରିବା ପରେ ଦୁର୍ନୀତି ନିବାରଣ ଆଇନର ଧାରାରେ ୧୮/୨୦୨୬ରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ରଥ ଖଳାରେ ରଥଚକ ୩୨ ଗୋଟି ନିର୍ମାଣ ଶେଷ

**ପୁରୀ:** ବୁଧବାର ସୁଦ୍ଧା ତାଳଧ୍ୱଜ ରଥର ୧୪ ଗୋଟି ଚକ ମଧ୍ୟରୁ ୯ ଗୋଟି ଚକ ନିର୍ମାଣ ଶେଷ ହୋଇଯାଇଛି । ସେହିପରି ଦର୍ପଦଳନ ରଥର ୧୨ ଗୋଟି ଚକ ମଧ୍ୟରୁ ୧୦ ଗୋଟି ଚକ ଏବଂ ନନ୍ଦିଘୋଷ ରଥର ୧୬ ଗୋଟି ଚକ ମଧ୍ୟରୁ ୧୨ ଗୋଟି ଚକ ନିର୍ମାଣ ଶେଷ ହୋଇଥିଲା। ବୁଧବାର ନନ୍ଦିଘୋଷ ରଥର ଏକଗୋଟି ଚକ ନିର୍ମାଣ ଶେଷ ହୋଇଅଛି। ତାଳଧ୍ୱଜ ରଥର ୫ ଗୋଟି ଚକ ,ଦର୍ପ ଦଳନ ରଥର ୨ ଗୋଟି ଚକ ଏବଂ ନନ୍ଦିଘୋଷ ରଥର ୩ ଗୋଟି ଚକ ନିର୍ମାଣ କାର୍ଯ୍ୟ ଜାରୀ ରହିଛି। ତିନିରଥର ଗୁଡ଼ିକ ଗୋଟିଏ ତୁମ୍ବ ବ୍ୟତୀତ ତିନିରଥର ବାକି ତିନି ରଥର ତୁମ୍ବ ଗୁଡ଼ିକରେ ସିଙ୍ଗଡା ବାଡ଼ିଆ ଶେଷ ହୋଇଛି ।ଏଥିସହ ମହାରଣା ସେବକ ମାନେ ତିନିରଥର ବାକି ଅଂଶ ଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ନେଉଛନ୍ତି । ରଥର ନିର୍ଦ୍ଦିଷ୍ଟ ଅଂଶ ପାଇଁ ଯୋଗାଇ ଦିଆଯାଇଥିବା କାଠରେ କୌଣସି ସମସ୍ୟା ଦେଖାଦେଲେ ସେହି ଚଉପଟ କାଠର କିଛିଅଂଶ ବାଦ୍ ଦେଇ ଅନ୍ୟ ଅଂଶ ରେ ବ୍ୟବହାର ରେ ଲଗାଉଛନ୍ତି ମହାରଣା ସେବକ ମାନେ। ତିନିରଥ ୪ ଗୋଟି ଲେଖାଏଁ ମୁହାଁଟ , ୪ଗୋଟି ଲେଖାଏଁ ନିରାଡ଼ି ଏବଂ ୧୨ ଗୋଟି ଲେଖାଏଁ ଭୂଇଁ ଖମ୍ବି ଗୁଡ଼ିକର ଚଉପଟ କାର୍ଯ୍ୟ ଶେଷ ପରେ ଆରମ୍ଭ ହୋଇଛି ତିନିରଥର ଭୂଇଁ ଚଉତା ନିର୍ମାଣ କାର୍ଯ୍ୟ। ପ୍ରତି ରଥର ପ୍ରଥମ ଭୂଇଁ, ମାଝୀ ଭୂଇଁ ପାଇଁ ପ୍ରତି ରଥ ଚାଳୀକୁ ରଥ ଅମିନ ଭୋଇ ସେବକଙ୍କ ମାଧ୍ୟମରେ ୨୦ ଫୁଟିଆ ଅସନ କାଠ ଯୋଗାଇ ଦେଇଥିଲେ ,ତିନିରଥର ମହାରଣା ସେବକ ମାନେ ୪ଟି ଲେଖାଏଁ ୮ ଗୋଟି ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଶେଷ କରି ତୃତୀୟ ଭୂଇଁ ବା ଅଗ୍ ଭୂଇଁ ଚଉତା କାଠର ଚଉପଟ କାର୍ଯ୍ୟ ଜାରୀ ରଖିଛନ୍ତି। ଏଥିସହ ତିନିରଥ ର ନିର୍ମାଣ ଶେଷ ହୋଇଥିବା ଯୋକା ଗୁଡ଼ିକ ସୁନ୍ଦର ଦେଖାଯିବା ଯିବା ପାଇଁ ଯୋକା ଅଗ ଗୁଡ଼ିକର ମଣ୍ଡଣି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।ରୂପକାର ସେବକ ମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ଜାରୀ ରଖିଛନ୍ତି । ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ରଥର ଚକ ଅର୍ କଣ୍ଟା,ପଦାରି,ବଳା, ପନ୍ଦାରି ଚାବି, ନିର୍ମାଣ ଶେଷ କରି ତିନି ରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।

# ଜୁଲାଇ ୧ରୁ ଓଡ଼ିଶାରେ ଏସଆଇଆର

### ମଇ ୩୦ରୁ ଘରକୁ ଘର ଯାଞ୍ଚ କରିବେ ୩୮ ହଜାରରୁ ଅଧିକ ବିଏଲଓ

### ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ

**ଭୁବନେଶ୍ୱର :** ଆସନ୍ତା ଜୁଲାଇ ୧ରୁ ରାଜ୍ୟରେ ଏସଆଇଆର ବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେବ। ନିର୍ବାଚନ ଆୟୋଗ ଓଡ଼ିଶା ସମେତ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଂଚଳରେ ଭୋଟର ତାଲିକାର ତୃତୀୟ ପର୍ଯ୍ୟାୟ ଏସଆଇଆର କାର୍ଯ୍ୟକ୍ରମ ଆରମ୍ଭ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଜନଗଣନା ପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟା ସହ ସମନ୍ୱୟ ରକ୍ଷା କରି ଏହି ଏସଆଇଆର ନିମନ୍ତେ ନିର୍ବାଚନ ଆୟୋଗଙ୍କ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। କେବଳ ପ୍ରତିକୂଳ ପାଣିପାଗ ଓ ଜନଗଣନାର ସ୍ଥିତିକୁ ଦୃଷ୍ଟିରେ ରଖି ହିମାଚଳ ପ୍ରଦେଶ, ଜମ୍ମୁ କାଶ୍ମୀର ଓ ଲଦାଖକୁ ଏହି ପର୍ଯ୍ୟାୟରୁ ବାଦ୍ ଦିଆଯାଇଥିବାବେଳେ ଓଡ଼ିଶାରେ ଏହି ଏସଆଇଆର ପ୍ରକ୍ରିୟାକୁ ବ୍ୟାପକସ୍ତରରେ କରିବା ନିମନ୍ତେ ପ୍ରାୟ ୩୮ ହଜାରରୁ ଅଧିକ ବିଏଲଓ ଘରକୁ ଘର ଯାଇ ଯାଞ୍ଚ କରିବେ ବୋଲି ଜଣାପଡ଼ିଛି। ରାଜ୍ୟରେ ଏହି ଏସଆଇଆର ଅଭିଯାନ ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ରାଜ୍ୟରେ ପ୍ରାୟ ୩୮୧୨୩ ଜଣ ବୁଥସ୍ତରୀୟ ଅଧିକାରୀ ନିୟୋଜିତ ହୋଇଛନ୍ତି, ଯେଉଁମାନେ ସିଧାସଳଖ ଲୋକଙ୍କ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ। ଏହି ସରକାରୀ ପ୍ରକ୍ରିୟାରେ ସ୍ୱଚ୍ଛତା ରକ୍ଷା କରିବା ନିମନ୍ତେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୨୭୭୨୩ ଜଣ ବୁଥସ୍ତରୀୟ ଏଜେଣ୍ଟ ମଧ୍ୟ କ୍ଷେତ୍ରସ୍ତରରେ ସକ୍ରିୟ ରହିବେ। ନିର୍ବାଚନ ଆୟୋଗ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ବୁଥରେ ଜଣେ ଲେଖାଏଁ ବିଏଲଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି, ଯାହାଦ୍ୱାରା କୌଣସି ଅଯୋଗ୍ୟ ଭୋଟର ତାଲିକାରେ ରହିବେ ନାହିଁ କିମ୍ବା କୌଣସି ଯୋଗ୍ୟ ଭୋଟର ପଞ୍ଜିକରଣରୁ ବାଦ୍ ପଡ଼ିବେ ନାହିଁ, ତାହା ସୁନିଶ୍ଚିତ ହୋଇପାରିବ। ନିର୍ବାଚନ ଆୟୋଗଙ୍କ ଦ୍ୱାରା ଓଡ଼ିଶାରେ ଏହି ଏସଆଇଆର ନିମନ୍ତେ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଚଳିତ ମଇ ମାସ ୨୦ରୁ ୨୯ ତାରିଖ ମଧ୍ୟରେ କ୍ଷେତ୍ର କର୍ମଚାରୀଙ୍କୁ ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ମୁଦ୍ରଣ କାର୍ଯ୍ୟ ଶେଷ କରାଯିବ। ମଇ ୩୦ରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ପରିଦର୍ଶନ କରି ତଥ୍ୟ ଯାଂଚ କରିବା ସହ ଜୁନ ୨୮ ସୁଦ୍ଧା ମତଦାନ କେନ୍ଦ୍ରଗୁଡିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ଶେଷ ହେବ। ଜୁଲାଇ ୫ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୫ରୁ ଅଗଷ୍ଟ ୪ତାରିଖ ପର୍ଯ୍ୟନ୍ତ ନାଗରିକମାନେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିପାରିବେ। ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମସ୍ତ ଆପତ୍ତି ଉପରେ ନିଷ୍ପତ୍ତି ନିଆଯିବ ଓ ସେପ୍ଟେମ୍ବର ୬ତାରିଖରେ ରାଜ୍ୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ ହେବ ବୋଲି କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି।ଏହି ଏସଆଇଆର ପ୍ରକ୍ରିୟା ପାଇଁ ଯୋଗ୍ୟତା ତାରିଖ ୨୦୨୬ ଜୁଲାଇ ୧ ଧାର୍ଯ୍ୟ ହୋଇଛି। ଏହି ସମୟ ସୁଦ୍ଧା ୧୮ବର୍ଷ ପୂରଣ କରୁଥିବା ନୂଆ ଭୋଟରମାନେ ମଧ୍ୟ ନିଜ ନାମ ପଞ୍ଜିକରଣ କରିବାର ସୁଯୋଗ ପାଇପାରିବେ। ସୂଚନାଯୋଗ୍ୟ, ଦେଶରେ ଦୁଇଟି ପର୍ଯ୍ୟାୟରେ ୧୩ଟି ରାଜ୍ୟରେ ପ୍ରାୟ ୫୯ କୋଟି ଭୋଟରଙ୍କ ତଥ୍ୟ ସଫଳତାର ସହ ସଂଶୋଧିତ ହୋଇସାରିଥିବାବେଳେ ତୃତୀୟ ପର୍ଯ୍ୟାୟରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟଗୁଡ଼ିକରେ ଏହି ଏସଆଇଆର କାର୍ଯ୍ୟ ସମ୍ପାଦନ ହେବ।

### ଉତ୍ତରପ୍ରଦେଶରେ ତାଣ୍ଡବ ରଚିଲା କାଳବୈଶାଖୀ

# ଭାଙ୍ଗିଲା, ଉଡ଼ାଇଲା, ୧୦୪ ଜଣଙ୍କ ଜୀବନ ନେଲା

- ପ୍ରଭାବିତ ପରିବାରକୁ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

**ନୂଆଦିଲ୍ଲୀ:** ତାଣ୍ଡବ ରଚିଛି କାଳବୈଶାଖୀ। ବର୍ଷା ସାଙ୍ଗକୁ ପବନ ସବୁ କିଛି ଛାରଖାର କରି ଦେଇଛି। ଉତ୍ତର ପ୍ରଦେଶରେ କାଳବୈଶାଖୀ କେଉଁଠି ଘରଦ୍ୱାରା ମାଟିରେ ମିଶାଇ ଦେଇଛି ତ ଆଉ କେଉଁଠି ଗଛ ଠାରୁ ଆରମ୍ଭ କରି ଲୋକଙ୍କୁ ଉଡ଼ାଇ ନେଇଛି। ଭୟଙ୍କର କାଳବୈଶାଖୀ ତାଣ୍ଡବରେ ୧୦୪ ଜଣଙ୍କ ଜୀବନ ମଧ୍ୟ ଯାଇଛି। ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଧ୍ୱଂସ ଲୀଳା ରଚିଥିବା ବେଳେ ଏବେ ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଅନେକ ସ୍ଥାନରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିଥିବା ବେଳେ ଘର କ୍ଷତିଗ୍ରସ୍ତ ହୋଇଛି। ବର୍ଷା ପବନ ଯୋଗୁ ଶତାଧିକ ବିଜୁଳି ଖୁଣ୍ଟି ଭାଙ୍ଗି ଯାଇଛି। ଯୋଗାଯୋଗ ବ୍ୟବସ୍ଥା ମଧ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ପ୍ରଶାସନର ସୂଚନା ଅନୁଯାୟୀ, ରାତି ସୁଦ୍ଧା କାଳବୈଶାଖୀ ଯୋଗୁ ୨୭ ଜଣଙ୍କ ମୃତ୍ୟୁ ଖବର ଆସିଥିଲା। କିନ୍ତୁ ସକାଳ ହେବା ବେଳକୁ ଏହି ସଂଖ୍ୟା ୮୯ରେ ପହଞ୍ଚିଥିଲା। ପ୍ରୟାଗରାଜରେ ସବୁଠାରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏଠାରେ କାଳବୈଶାଖୀ ଜନିତ ଅଘଟଣରେ ୨୧ ଜଣ ଆଖି ବୁଜିଛନ୍ତି ।ଏହା ବାଦ ସନ୍ଥ ରବିଦାସ ନଗରରେ ୧୪ ଜଣ, ଫତେପୁରରେ ୧୧ ଜଣ, ମିର୍ଜାପୁରରେ ୧୦ ଜଣ, ଉନ୍ନାଓରେ ୬ ଜଣ, ବଦାଉନରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ବରେଲୀ ଓ ପ୍ରତାପଗଡ଼ରେ ୪ ଜଣ ଲେଖାଏ ଜୀବନ ହରାଇଥିବା ବେଳେ ହାର୍ଦୋଇ, କାନପୁର, ସୋନଭଦ୍ରା ଓ ସମ୍ଭଲରେ ୨ ଜଣ ଲେଖାଏ ଲୋକଙ୍କ ମୃତ୍ୟୁ ଘଟିଛି ।ଅତିରିକ୍ତ ଭାବେ ବସ୍ତି, ରାଏ ବରେଲୀ ଓ ଶାହଜାହନପୁରରେ ଜଣେ ଲେଖାଏ ଲୋକ ପ୍ରାଣ ହରାଇଛନ୍ତି। ମୋଟ ୧୦୪ ଜଣ ପ୍ରାଣ ହରାଇଥିବା ବେଳେ ଆଉ ଅନେକ ଆହତ ହୋଇଛନ୍ତି ।ପ୍ରୟାଗରାଜରେ ୨୧ ଜଣ ଜୀବନ ଯାଇଥିବା ବେଳେ ଅନେକ ବଡ଼ବଡ଼ ଗଛ ଉପୁଡ଼ି ଯାଇଛି। ଅନେକ ଗଛ ରାସ୍ତା ଉପରେ ପଡ଼ି ରହିଥିବାରୁ ଯାତାୟାତ ମଧ୍ୟ ଠପ ହୋଇଯାଇଛି। ପୌର ନିଗମର କନିଷ୍ଠ ଯନ୍ତ୍ରୀ ବିନୋଦ ପଟେଲଙ୍କ କହିଥିବା କଥାରେ ପାଥର ଗିରଜାଘର, ଅଶୋକ ନଗର, କାଚହରି ରୋଡ ଓ ମହାତ୍ମା ଗାନ୍ଧି ନଗରରେ ଗଛ ଉପୁଡ଼ିବା ଯୋଗୁ ଟ୍ରାଫିକ ସମସ୍ୟା ଦେଖାଯାଇଛି। ସେହିପରି କଲ୍ୟାଣୀ ଦେବୀ ଅଞ୍ଚଳରେ ମଧ୍ୟ ଗୋଟିଏ ବଡ଼ ଗଛ ଉପୁଡ଼ି ପଡ଼ିଛି ।ଝଡ଼ ବର୍ଷା ଯୋଗୁ ପ୍ରୟାଗରାଜର ଅନେକ ସ୍ଥାନରେ ବିଦ୍ୟୁତ ଯୋଗାଣ ବନ୍ଦ ହୋଇ ଯାଇଛି। ପୌର ନିଗମର ଅଧିକାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅନେକ ସ୍ଥାନରେ କେବଳ ମାଟି କିମ୍ବା ଟିଣ ଘର ଭାଙ୍ଗି ନାହିଁ, ବରଂ ଝଡ଼ବର୍ଷାର ପ୍ରକୋପ ଯୋଗୁ ଛାତ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି।

ପ୍ରଭାବିତ ପରିବାରକୁ ତୁରନ୍ତ ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ସହାୟତା ପହଞ୍ଚାଇବା କାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସେ ଆଦେଶ ଦେଇଛନ୍ତି।

# ନିରାଡମ୍ବର ଭାବେ ପାଳନ ହେବ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ

### ଉତ୍ସବ ନୁହେଁ, ସେବା ଓ ସଫଳତାର ବାର୍ତ୍ତା ନେଇ ଲୋକଙ୍କ ପାଖକୁ ଯାଅ

**ଭୁବନେଶ୍ୱର:** ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେହେତୁ ବର୍ତ୍ତମାନ ପଶ୍ଚିମ-ଏସିଆ ପରିସ୍ଥିତି ଯୋଗୁ ସମଗ୍ର ଦେଶ ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏହି ଉତ୍ସବକୁ ନିରାଡମ୍ବର ଭାବେ ପାଳନ କରାଯିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବ୍ୟାପକ ଉତ୍ସବ ପାଳନ ବଦଳରେ ୨ ବର୍ଷର ଉପଲବ୍ଧି ଉପରେ ଅଧିକ ଫୋକସ କରିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରଙ୍କ ଏହି ଉପଲବ୍ଧି ହେଉଛି ଲୋକଙ୍କ ପାଇଁ, ତେଣୁ ଏହି ସଫଳତା ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ସ, ସାମାଜିକ ଗଣମାଧ୍ୟମରେ ସରକାରଙ୍କ ଉପଲବ୍ଧିର ପ୍ରସାର ସହିତ ପୁସ୍ତିକା ପ୍ରକାଶନ କରାଯିବ।



ଏଥିସହିତ କାର୍ଯ୍ୟକାରୀ ହୋଇଥିବା ପ୍ରତ୍ୟେକ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ସାଧାରଣ ଲୋକ କିଭଳି ଉପକୃତ ହେଉଛନ୍ତି ତାର ଚିତ୍ର ସର୍ବସାଧାରଣଙ୍କୁ ଆଣିବା ପାଇଁ ବୈଠକରେ ଗୁରୁତ୍ୱାରୋପ ହୋଇଥିଲା। ବୈଠକରୁ ଜଣାଯାଇଛି, ଆଗାମୀ ଜୁନ୍ ୧୨ ତାରିଖରେ ରାଜ୍ୟ ସରକାରଙ୍କର ୨ ବର୍ଷ ପୂର୍ତ୍ତି ପାଳନ କରାଯିବ। ଏଥିପାଇଁ ଜୁନ୍ ୧୨ରୁ ୨୧ ପର୍ଯ୍ୟନ୍ତ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ବିଭାଗର ସଫଳତାକୁ ସନ୍ନିବେଶିତ କରି ଶକ୍ତି ଓଡିଶା, ସମୃଦ୍ଧ କୃଷି ଓଡିଶା, ସୁସ୍ଥ ଓଡିଶା, ନିର୍ମାଣ ଓଡିଶା, ଉତ୍କର୍ଷ ଓଡିଶା, ଜନଶକ୍ତି ଓଡିଶା ଏବଂ କୌଶଳ ଓଡିଶା ଆଦି ଏହି ୭ଟି ଥିମ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ । ଏଥିସହିତ ୨୦୨୬ରୁ ୨୦୩୬ ପର୍ଯ୍ୟନ୍ତ ସରକାରଙ୍କ ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଗୁଡିକ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ୍ ରହିବ। ବିଭାଗୀୟ ମନ୍ତ୍ରୀମାନେ ୨ ବର୍ଷ ମଧ୍ୟରେ ନିଜ ନିଜ ବିଭାଗରେ ହାସଲ ହୋଇଥିବା ସଫଳତା ବିଷୟରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ବିଭାଗ ଗୁଡିକର ସଫଳତା ସମ୍ପର୍କିତ ଲିଫଲେଟ୍, ପୁସ୍ତିକା ପ୍ରକାଶନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଛନ୍ତି।

## ସମ୍ପାଦକୀୟ

# ପ୍ରସ୍ତୁତ ହେଉଛି ଇରାନ୍ ମାଟି

ମଧ୍ୟପ୍ରାଚ୍ୟ ଏବେ ଅତି ଅଶାନ୍ତ ହୋଇପଡ଼ିଛି । କେବଳ ଅଶାନ୍ତ କହିଲେ ହେବନି, ଇରାନ ମାଟି ଏବେ ଦିନକୁ ଦିନ ଅତି ଅଶାନ୍ତ ହେବାରେ ଲାଗିଛି । କେବେ କେବେ ଇରାନ୍ ମାଟିରେ ଅଶାନ୍ତି ଏତେ ପରିମାଣରେ ବଢ଼ି ଯାଉଛି,ଯାହାକୁ କେବଳ ଅଶାନ୍ତି କିମ୍ବା ଅଶନ୍ତ କହିଲେ ଚଳିବନି; ଇରାନ୍ ମାଟିରେ ଏବେ ଯାହା ଚାଲିଛି ଯାହାକୁ ଅଶାନ୍ତ କମ୍ ଏବଂ ଅମଣିଷପଣିଆ ଅଧିକ ବୋଲି କହିପାରିବା । ପ୍ରକୃତରେ ଇରାନ୍‌ରେ ଏବେ ଅମଣିଷପଣିଆ ବଢ଼ିଯାଇଛି ଅତି ଅଧିକ ପରିମାଣରେ । ରାତି ପାହିଲେ ଇରାନୀୟ ଜନତା ଏବେ ଅତି ଜଘଣ୍ୟ ପରିସ୍ଥିତିର ସାମ୍ନା କରୁଛି । ରାତି ପାହିଲେ ଇରାନ୍ ଏବେ ଯେଭଳି ପରିସ୍ତିତର ସାମ୍ନା କରୁଛି ଯାହାକୁ ଆମେ ଅତି ନକାରାତ୍ମକ ବୋଲି କହିପାରିବା । ଯାହାର ଅର୍ଥ ଅତି ଖରାପ୍, ଅତି ଅଶୁଭ ଏବଂ ଆଉ ଆଗକୁ କିଛି ବି କହିବା ନିରର୍ଥକ । ହେଲେ ଆଗକୁ କହିବା ଜାରି ରହିବ । କାରଣ ଇରାନ୍‌ର ପରିସ୍ଥିତି ଏବେ ଅତି ଭୟଙ୍କର । ଇରାନ୍ ଏବେ ସମାଜର ଅତି ଖରାପ ସ୍ତିତି ଦେଇ ଗତି କରୁଛି । ଇରାନ ଏବେ ଜୀବନର ଅତି ଖରାପ ସ୍ତିତି ଦେଇ ଗତି କରୁଛି । ଇରାନ୍ ଏବେ ଦେଶର ଅତି ଖରାପ୍ ଅବସ୍ଥା ଦେଇ ଗତି କରୁଛି । ଏଭଳି ଅବସ୍ଥା ଯାହାକୁ ମୁକାବିଲା କରିବା, ଯାହାକୁ ସାମ୍ନା କରିବା କେବେ ବି ସେତେ ସମ୍ଭବ ନୁହେଁ କାରଣ ବି ସେତେ ସହଜ ନୁହେଁ । କାରଣ ଇରାନ୍‌ରେ ଏବଂ ଯୁଦ୍ଧ ପରିସ୍ଥିତି । ଯାହା ଦିନକୁ ଦିନ ଅତି ଜଟିଳ ହେବାରେ ଲାଗିଛି । ଇରାନ ସହିତ ଏବେ ଇସ୍ରାଏଲ୍ ଭିଡ଼ିଯାଇଛି । ଯାହାକୁ ପଛରୁ ସମର୍ଥନ କରୁଛି ଆମେରିକା । ଆମେରିକା ଯେ କି ଆଜିର ଦିନରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର, ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ରାଷ୍ଟ୍ର । ସେହିଭଳି ଏକ ରାଷ୍ଟ୍ର ସହିତ ଯୁଦ୍ଧ କରିବା କେବେ ବି ନିରାପଦ ନୁହେଁ । ଆମେରିକା ସହିତ ଯୁଦ୍ଧ କରିବା ପ୍ରାୟ ସମସ୍ତ ଦେଶ ପାଇଁ ସର୍ବଦା ଚାଲେଞ୍ଜପୂର୍ଣ୍ଣ ହୋଇପାରେ । ଯେହେତୁ ସାମରିକ ଦୃଷ୍ଟିକୋଣରୁ ଆମେରିକା ହେଉଛି ବିଶ୍ୱର ସବୁଠାରୁ ପ୍ରଭାବୀ ରାଷ୍ଟ୍ର । ତଥାପି କାହାର ଦେଶ ଭିତରେ ପଶି ତାକୁ ଆକ୍ରମଣ କରିବା କେବେ ବି ଠିକ୍ ନୁହେଁ । ସେମିତି ହେଲେ ତାକୁ ଏକପ୍ରକାର ଦାଦାଗିରି ବୋଲି ଧରି ନିଆଯିବ । ଏକପ୍ରକାର ନୁହେଁ, ପ୍ରକୃତ ଦାଦାଗିରି ବୋଲି ଧରି ନିଆଯିବ । ଇରାନ୍ ଦେଶ ଭିତରେ ପଶି ଇରାନ ଉପରେ ଆଟାକ୍ କରିବାର ଅର୍ଥ ହେଉଛି ବିଶ୍ୱ ନୀତିର ଉଲ୍ଲଘଂନ । ଜାତିସଙ୍ଘର ଉଲ୍ଲଂଘନ । ଅନ୍ତର୍ଜାତୀୟ ନୀତିର ଉଲ୍ଲଂଘନ । ହେଲେ କାହାକୁ କିଏ ମାନୁଛି ନା କାହାକୁ କିଏ ଶୁଣୁଛି । ନାମକୁ ଖାଲି ଜାତିସଙ୍ଘ । ନା ଜାତିସଙ୍ଘର ରହିଛି ଜାତି, ନା ସେଠାରେ କିଏ ରହିଛି ମୁରବୀ ସେଠାରେ କିଏ ରହିଛି ଅର୍ଥ ହେଉଛି, ଇରାନ୍‌ର ଘରେ ପଶି ମାରିବା । ଯାହାକୁ କେବେ ବି କେହି ବି ବରଦାସ୍ତ କରିବା କେବେ ବି ସମ୍ଭବ ନୁହେଁ । ଇରାନ୍ ବା କେମିତି ବରଦାସ୍ତ କରିବ । ଇରାନ୍ ବି ଲଢୁଛି ଅତି ସାହସର ସହିତ । ଇରାନ୍ ବି ଜବାବ୍ ଦେଉଛି ଅତି ସାହସର ସହିତ । ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ କେବେ କେବେ ଇରାନ୍ ମଧ୍ୟ ବିଚଳିତ ହୋଇପଡୁଛି । ଇରାନ୍ ମଧ୍ୟ ଇତସ୍ତତଃ ହୋଇପଡୁଛି । ଲାଗୁଛି ଏମିତି ଯଦି ଯୁଦ୍ଧ ଜାରି ରହେ, ତେବେ ଆଉ ମାତ୍ର କିଛି ଦିନର ଯୁଦ୍ଧ ପରେ ଇରାନ୍ ହୁଏତ ଥକି ପଡ଼ିବ । ଇରାନ୍‌ର ଅଣ୍ଟା ହୁଏତ ଭାଙ୍ଗିଯିବ । ହେଲେ ଇରାନ୍ କି ଛାଡ଼ିବ ଏତେ ସହଜରେ ? ସେ ବି ଭିଡ଼ିଯିବ ଅତି ସାହସର ସହିତ , ସେ ବି ଭିଡ଼ିଯିବ ଅତି ଦମ୍ଭର ସହିତ । ଉଭୟ ଇରାନ୍ ଏବଂ ଇସ୍ରାଏଲ୍ ଏବେ ପରସ୍ପର ମଧ୍ୟରେ ଯୁଦ୍ଧରେ ମଜ୍ଜିରହିଛନ୍ତି । ଉଭୟ ପକ୍ଷର ଅନେକ ଏହି ଯୁଦ୍ଧରେ ମୃତାହତ ହୋଇଗଲେଣି । ଗୋଟାଏ ପଟେ ଆମେରିକାର ସର୍ତ୍ତମୂଳକ ଶାନ୍ତିବାର୍ତ୍ତା ଏବଂ ଅନ୍ୟ ଗୋଟିଏ ପଟେ ଯୁଦ୍ଧ ବନ୍ଦ ନେଇ ଇରାନର ସର୍ତ୍ତମୂଳକ ପ୍ରସ୍ତାବ । ଯାହା କି କେବେ ବି ପରିଷ୍କାର ଦିଶୁନି । ଆମେରିକା-ଇସ୍ରାଏଲ୍ ଏବଂ ଇରାନ୍ ମଧ୍ୟରେ କୌଣସି ପ୍ରକାର ଶାନ୍ତିବାର୍ତ୍ତା ଅମା ମତରେ କେବେ ବି ସମ୍ଭବ ନୁହେଁ । ଯାହା ପଛରେ ମୁଖ୍ୟ କାରଣ ହେଉଛି ଆମେରିକାର ରାଷ୍ଟ୍ରପତିଙ୍କ୍ ମନମାନୀ , ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ୍ ଦାଦାଗିରି ଯାହାକି କେବଳ ଟ୍ରମ୍ପଙ୍କ୍ ଦସ୍ତୁର ନୁହେଁ, ତାହା ହେଉଛି ଆମେରିକାର ଅହଂକାରର ପରିଚୟ, ତାହା ହେଉଛି ଆମେରିକାର ଦାଦାଗିରିର ନଗ୍ନ ନମୂନା । ସେପାଇଁ ତ ଆମେରିକା ଏବଂ ରୁଷିଆ ମଧ୍ୟରେ ବହୁ ପୂର୍ବରୁ ଆରମ୍ଭ ହୋଇଯାଇଛି ଶୀତଳ ଯୁଦ୍ଧ । ଯାହା ଏବେ ବି ଉଭୟ ଦେଶ ମଧ୍ୟରେ ଲାଗି ରହିଛି , ଯାହାକି ଉଭୟ ଦେଶ ମଧ୍ୟରେ ଜାରି ରହିଛି । ଏବେ ଇରାନକୁ ନିଜର ସ୍ଥଳସେନା ପଠାଇବାର ଯୋଜନା କରୁଛି ଆମେରିକା । ଇରାନ୍ ବି ସେଥିପାଇଁ ପୂର୍ଣ୍ଣରୂପେ ନିଜକୁ ପ୍ରସ୍ତୁତ କରୁଛି ଇରାନ୍ । ପ୍ରାୟ ୧୦ ଲକ୍ଷ ସୈନ୍ୟ ସମ୍ଭାର ସହ ଇରାନ୍ ନିଜକୁ ପ୍ରସ୍ତୁତ କରୁଛି ଏକ ବଡ଼ ଯୁଦ୍ଧ ପାଇଁ ଆମେରିକା ସହିତ । ଏବେ କର ବା ମର ସ୍ଥିତି ଆସି ଉପୁଜିଛି ଇରାନ ପାଇଁ । ସେପାଇଁ ତ ଇରାନ୍ ଏବେ ତା’ର ଦେଶର ଟିନ୍ ଏଜରଙ୍କୁ ଇରାନ୍‌ର ସୁରକ୍ଷା ପାଇଁ ଯୁଦ୍ଧ କ୍ଷେତ୍ରକୁ ଆମନ୍ତ୍ରଣ କରୁଛି ଏବଂ ସେମାନଙ୍କୁ ସେହି ଅନୁସାରେ ପ୍ରସ୍ତୁତ କରୁଛି । ଇରାନ୍ ସହିତ ଆମେରିକାର ଆଗାମୀ ଯୁଦ୍ଧ ଆଗକୁ ଏକ ମହାଯୁଦ୍ଧର ରୂପ ନେଇପାରେ । ଯାହାପାଇଁ ଇରାନ୍ ବି ନିଜକୁ ପ୍ରସ୍ତୁତ କରୁଛି କିଛି ସେହିଭଳି ।

# ଆକ୍‌ବରଙ୍କ ଅନ୍ଦାଜ୍

ଭାରତର ମୋଘଲ୍ ସମ୍ରାଟ୍ ଆକବରଙ୍କ ରାଜ ଦରବାର । ଥରେ ଦୁଇ ରାଜପୁତ୍ ବନ୍ଧୁ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । ସେହି ଆକବର୍ ଯେ କି ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ । ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । କୁହାଯାଏ କି ଅଶୋକ୍ , ଆକବର ଏବଂ ଆଲେକଜାଣ୍ଡାର । ଇତିହାସର ତିନି ପ୍ରସିଦ୍ଧ ବୀର । ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ । ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ । ତେବେ ତା’ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ । ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବାଶ୍ୟକ ପଡ଼ିଲା । ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା । ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ । ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏ କ’ଣ ? ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ । ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ । ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର । ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ । ହେଲେ କ’ଣ କରିବେ ଏବଂ କ’ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ । କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ । ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ । ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ହୁଏତ ସାମାନ୍ୟ ବିଳମ୍ବ ହୋଇଯାଇଥିଲା । ସେତେବେଳକୁ ଦୁଇ ରାଜପୁତ ପରସ୍ପର ସହିତ ଯୁଦ୍ଧରେ ଲହୁ ଲୁହାଣ ହୋଇଯାଇଥିଲେ । ମାନସିଂ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ କରାଇଥିଲେ ଏବଂ ପରେ ଆକବରଙ୍କୁ ସେମାନଙ୍କ ବୀରତ୍ୱ ବିଷୟରେ ଅବଶ୍ୟ ବୁଝାଇଥିଲେ ।

# କୁଣ୍ଡଳୀରେ ଆନ୍ତଃଜାତି ବିବାହଯୋଗ ଓ ଜ୍ୟୋତିଷ ବିଚାର

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଦେଶରେ ପରିବର୍ତ୍ତିତ ସାମାଜିକ ପରିବେଶ ମଧ୍ୟରେ, ଆନ୍ତଃଜାତି ବିବାହ ବିଷୟରେ ଆଲୋଚନା ନିରନ୍ତର ବୃଦ୍ଧି ପାଉଛି । ତଥାପି, ଜ୍ୟୋତିଷମାନେ କୁହନ୍ତି ଯେ ଅନେକ କ୍ଷେତ୍ରରେ, ଆନ୍ତଃଜାତି ବିବାହ କେବଳ ସାମାଜିକ ପରିବର୍ତ୍ତନର ପରିଣାମ ନୁହେଁ ବରଂ କୁଣ୍ଡଳୀରେ ନିର୍ଦ୍ଦିଷ୍ଟ ଗ୍ରହ ସଂଯୋଗର ପରିଣାମ ମଧ୍ୟ । ଜ୍ୟୋତିଷ ବିଶେଷଜ୍ଞଙ୍କ ଅନୁଯାୟୀ, ଅନେକ ଯୁବକ ଯୁବତୀଙ୍କ ବିବାହରେ ଲଗାତାର ବିଳମ୍ବ କିମ୍ବା ନିଜ ଜାତି ମଧ୍ୟରେ ସମ୍ପର୍କ ସ୍ଥିର କରିବାରେ ଅସମର୍ଥତା କେବଳ ପାରିବାରିକ କିମ୍ବା ସାମାଜିକ କାରଣ ଯୋଗୁଁ ନୁହେଁ, ବରଂ ଜନ୍ମ କୁଣ୍ଡଳୀରେ ଗ୍ରହମାନଙ୍କର ପ୍ରଭାବ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଯଦି କୁଣ୍ଡଳୀରେ ଆନ୍ତଃଜାତି ବିବାହର ଯୋଗ ଅଛି, ତେବେ ବ୍ୟକ୍ତି ନିଜ ଜାତି ବାହାରେ ବିବାହ କରିବାର ସମ୍ଭାବନା ଅଧିକ ଥାଏ । ଜ୍ୟୋତିଷ ଶାସ୍ତ୍ରୀମାନେ କୁହନ୍ତି ଯେ କୁଣ୍ଡଳୀର ସପ୍ତମ ସ୍ଥାନକୁ ବିବାହ ଏବଂ ଜୀବନସାଥୀ ସହିତ ଜଡିତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବରେ ବିବେଚନା କରାଯାଏ । ଯଦି ଏହି ସ୍ଥାନ କିଛି ଗ୍ରହ ଦ୍ୱାରା ପ୍ରଭାବିତ ହୁଏ, ତେବେ ପାରମ୍ପରିକ ସୀମା ବାହାରେ ବିବାହ ହେବାର ସମ୍ଭାବନା ବୃଦ୍ଧି ପାଏ । ବିଶେଷକରି ରାହୁ ଏବଂ ଶନିଙ୍କୁ ଏପରି ଗ୍ରହ ଭାବରେ ବିବେଚନା କରାଯାଏ ଯାହା ପରମ୍ପରା ଏବଂ ସାମାଜିକ ମାନଦଣ୍ଡକୁ ଭାଙ୍ଗିଥାଏ । ତେଣୁ, ଯେତେବେଳେ ଏହି ଗ୍ରହଗୁଡ଼ିକ ସପ୍ତମ ସ୍ଥାନ କିମ୍ବା ଏହାର କର୍ତ୍ତାଙ୍କୁ ପ୍ରଭାବିତ କରନ୍ତି, ଜାତି, ଧର୍ମ କିମ୍ବା ସମାଜର ପରମ୍ପରା ବାହାରେ ବିବାହ ହେବାର ସମ୍ଭାବନା ବୃଦ୍ଧି ପାଏ ।

ଜ୍ୟୋତିଷଶାସ୍ତ୍ରୀଙ୍କ ଅନୁସାରେ, ଯଦି କୌଣସି କୁଣ୍ଡଳୀର ସପ୍ତମ ସ୍ଥାନ ରାହୁ, ଶନି କିମ୍ବା କେତୁ ଭଳି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, କିମ୍ବା ଯଦି ସପ୍ତମ ଘରର କର୍ତ୍ତା ଏହି ଗ୍ରହମାନଙ୍କ ସହିତ ସଂଯୋଗ କିମ୍ବା ଦିଗକୁ ଥାଏ, ତେବେ ଏହାକୁ ଏକ ସଙ୍କେତ ଭାବରେ ବିବେଚନା କରାଯାଏ ଯେ ଜଣେ ବ୍ୟକ୍ତିଙ୍କ ବିବାହ ପାରମ୍ପରିକ ବ୍ୟବସ୍ଥାରୁ ବିଚ୍ୟୁତ ହୋଇପାରେ । ଏହା ବ୍ୟତୀତ, ବିବାହ ପାଇଁ ଦାୟୀ ଗ୍ରହଗୁଡ଼ିକ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ପୁରୁଷମାନଙ୍କ କୁଣ୍ଡଳୀରେ ଶୁକ୍ର ଏବଂ ମହିଳାଙ୍କ କୁଣ୍ଡଳୀରେ ବୃହସ୍ପତିଙ୍କୁ ବିବାହର ମୁଖ୍ୟ କାରକ ଭାବରେ ବିବେଚନା କରାଯାଏ । ଯଦି ଏହି ଗ୍ରହଗୁଡ଼ିକ ରାହୁ, ଶନି କିମ୍ବା କେତୁ ଦ୍ୱାରା ପ୍ରଭାବିତ ହୁଅନ୍ତି, ତେବେ ଆନ୍ତଃଜାତି ବିବାହର ସମ୍ଭାବନା ଆହୁରି ଦୃଢ଼ ହୋଇଯାଏ । ବିଶେଷଜ୍ଞମାନେ କୁହନ୍ତି ଯେ ଏପରି କ୍ଷେତ୍ରରେ, ପରିବାର ପ୍ରାୟତଃ ନିଜ ଜାତି ମଧ୍ୟରେ ଏକ ମେଳ ଖୋଜନ୍ତି, କିନ୍ତୁ ବର୍ଷ ବର୍ଷ ଧରି ଚେଷ୍ଟା କରିବା ସତ୍ତ୍ୱେ, ବିବାହ ଅସ୍ଥିର ରହିଥାଏ । ଜ୍ୟୋତିଷମାନେ ଏହାକୁ କୁଣ୍ଡଳୀ ସୂଚକକୁ ଅଣଦେଖା ବୋଲି ବିବେଚନା କରନ୍ତି । ସେମାନେ ଯୁକ୍ତି ଦିଅନ୍ତି ଯେ ଯେତେବେଳେ ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚିତ କରେ, ସେତେବେଳେ ନିଜ ଜାତି ମଧ୍ୟରେ ମେଳ ଖୋଜିବା କେବଳ ସମୟ ନଷ୍ଟ କରେ ଏବଂ ବିବାହରେ ଅଯଥା ବିଳମ୍ବ କରେ । ଅନେକ କ୍ଷେତ୍ରରେ, ଯେତେବେଳେ ଏପରି ଜଣେ ଯୁବକ କିମ୍ବା ମହିଳା ଆନ୍ତଃଜାତି ବିବାହ ପାଇଁ ରାଜି ହୁଅନ୍ତି, ସେତେବେଳେ ବିବାହ ଶୀଘ୍ର ସ୍ଥିର ହୋଇଯାଏ । ଜ୍ୟୋତିଷମାନେ ଏହାକୁ ଅନେକ ଉଦାହରଣ ଦେଇ ବ୍ୟାଖ୍ୟା କରିଛନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ ମେଷ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ଶୁକ୍ର ରାହୁ କିମ୍ବା ଶନିଙ୍କ ପ୍ରଭାବରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ଆନ୍ତଃଜାତି ବିବାହର ସମ୍ଭାବନା ଅଧିକ ଥାଏ । ସେହିପରି, ସିଂହ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ଶନି ରାହୁ କିମ୍ବା କେତୁଙ୍କ ସହିତ ସମ୍ପର୍କରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ନିଜ ଜାତି ବାହାରେ ବିବାହର ସମ୍ଭାବନା ବୃଦ୍ଧି ପାଏ । ସେହିପରି, ମୀନ ଲଗ୍ନ କୁଣ୍ଡଳୀରେ, ଯଦି ସପ୍ତମ ଘରର କର୍ତ୍ତା ବୁଧ ଏକ ଦୃଢ଼ ସ୍ଥିତିରେ ଥାଆନ୍ତି, କିନ୍ତୁ ରାହୁ, ଶନି କିମ୍ବା କେତୁଙ୍କ ପ୍ରଭାବରେ ଥାଆନ୍ତି, ଏବଂ ସପ୍ତମ ଘର ମଧ୍ୟ ଏହି ଗ୍ରହମାନଙ୍କ ଦ୍ୱାରା ପ୍ରଭାବିତ ହୁଏ, ତେବେ ଏହାକୁ ମଧ୍ୟ ଆନ୍ତଃଜାତି ବିବାହର ଏକ ସ୍ପଷ୍ଟ ସଙ୍କେତ ବୋଲି ବିବେଚନା କରାଯାଏ । ଜ୍ୟୋତିଷମାନେ କୁହନ୍ତି ଯେ ଏହା କେବଳ ଏକ ସଂଯୋଗ ନୁହେଁ ବରଂ ଗ୍ରହମାନଙ୍କ ସ୍ଥିତି ଦ୍ୱାରା ଗଠିତ ଏକ ନିର୍ଦ୍ଦିଷ୍ଟ ମିଶ୍ରଣ । ଜ୍ୟୋତିଷ ବିଶେଷଜ୍ଞମାନେ ଏହା ମଧ୍ୟ କୁହନ୍ତି ଯେ ଯଦି କୁଣ୍ଡଳୀରେ ବିବାହ ଯୋଗ ଉପସ୍ଥିତି ସତ୍ତ୍ୱେ ବିବାହ ସମ୍ଭବ ନୁହେଁ, ତେବେ ଏହାର ଅର୍ଥ ନୁହେଁ ଯେ ବିବାହ ସମ୍ଭବ ନୁହେଁ । କେତେବେଳେ ରାଶିଫଳ କେବଳ ସେହି ଦିଗକୁ ସୂଚାଇଥାଏ ଯେଉଁ ଦିଗରେ ବିବାହ ସମ୍ଭବ ହେବ । ଯଦି ଜଣେ ବ୍ୟକ୍ତି ଏହି ଦିଗକୁ ବୁଝି ନିଷ୍ପତ୍ତି ନିଅନ୍ତି, ତେବେ ବିବାହରେ ବାଧା ସୃଷ୍ଟି ହେଉଥିବା ପ୍ରତିବନ୍ଧକଗୁଡ଼ିକ ସ୍ୱୟଂଚାଳିତ ଭାବରେ ଦୂର ହୋଇଯାଏ । ଏପରି କ୍ଷେତ୍ରରେ, ରାଶିଫଳକୁ ସଠିକ୍ ଭାବରେ ବୁଝିବା ଏବଂ ସେହି ଅନୁସାରେ ନିଷ୍ପତ୍ତି ନେବା ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ । ସମାଜ ଆନ୍ତଃଜାତି ବିବାହ ଉପରେ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରଖିଥାଏ । ନୂତନ ପିଢ଼ି ଏହାକୁ ସାମାଜିକ ସମନ୍ୱୟ ଏବଂ ବ୍ୟକ୍ତିଗତ ସ୍ୱାଧୀନତା ସହିତ ଯୋଡ଼ିଥାଏ, ତଥାପି ଅନେକ ପରିବାର ପାରମ୍ପରିକ ବ୍ୟବସ୍ଥାକୁ ଗୁରୁତ୍ୱ ଦିଅନ୍ତି । ତଥାପି, ଜ୍ୟୋତିଷ ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ରାଶିଫଳର ସଙ୍କେତକୁ ବୁଝିବା ଏବଂ ଏହା ଉପରେ ଆଧାରିତ ନିଷ୍ପତ୍ତି ନେବା ବୈବାହିକ ସମସ୍ୟାକୁ ଯଥେଷ୍ଟ ହ୍ରାସ କରିପାରିବ ।

ଜ୍ୟୋତିଷ ଶାସ୍ତ୍ରରେ, ରାହୁ ଏବଂ ଶନିଙ୍କୁ ପରିବର୍ତ୍ତନ ଏବଂ ଅପାରମ୍ପରିକ ଚିନ୍ତାଧାରାର ପ୍ରତୀକ ଭାବରେ ବିବେଚନା କରାଯାଏ । ଏହି ଗ୍ରହଗୁଡ଼ିକର ପ୍ରଭାବ ପ୍ରାୟତଃ ଜଣେ ବ୍ୟକ୍ତିଙ୍କ ଜୀବନରେ ହଠାତ୍ ପରିବର୍ତ୍ତନ ଆଣେ । ବିବାହ କ୍ଷେତ୍ରରେ, ଏହି ପ୍ରଭାବ ପ୍ରାୟତଃ ସାମାଜିକ ସୀମା ଭାଙ୍ଗିବା ଭାବରେ ପ୍ରକାଶ ପାଏ । ବିଶେଷଜ୍ଞମାନେ କୁହନ୍ତି ଯେ ଏପରି ଗ୍ରହ ମିଶ୍ରଣ ଥିବା ଲୋକମାନେ ପ୍ରାୟତଃ ନିଜ ଜୀବନସାଥୀ ନିଜେ ବାଛନ୍ତି, ଏବଂ ପ୍ରେମ ବିବାହ କିମ୍ବା ଆନ୍ତଃଜାତି ବିବାହ ପାରମ୍ପରିକ ସମ୍ପର୍କ ଅପେକ୍ଷା ଅଧିକ ସମ୍ଭାବନା ଅଧିକ । ଜ୍ୟୋତିଷମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଗ୍ରହମାନଙ୍କର ପ୍ରଭାବ ସହିତ ସାମାଜିକ ପରିବର୍ତ୍ତନ, ଆଧୁନିକ ସମୟରେ ଆନ୍ତଃଜାତି ବିବାହ ବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ହୋଇପାରେ । ଅନେକ କ୍ଷେତ୍ରରେ, ପରିବାର ଏବଂ ସମାଜର ବିରୋଧ ସତ୍ତ୍ୱେ ବିବାହ ସଫଳ ହୁଏ, ଯାହା ଜ୍ୟୋତିଷଶାସ୍ତ୍ର ଅନୁସାରେ ଗ୍ରହମାନଙ୍କର ଅନୁକୂଳ ପ୍ରଭାବକୁ ଦାୟୀ କରାଯାଇଛି । ତଥାପି, ବିଶେଷଜ୍ଞମାନେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ କେବଳ ଏକ କୁଣ୍ଡଳୀ ଉପରେ ବିବାହ ନିଷ୍ପତ୍ତି ଆଧାରିତ କରିବା ଉଚିତ ନୁହେଁ । ପରିବାରର ସମ୍ମତି, ସାମାଜିକ ବୁଝାମଣା ଏବଂ ବ୍ୟକ୍ତିଗତ ବିଚାର ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ତଥାପି, ଯଦି ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚିତ କରେ, ତେବେ ଏହାକୁ ଅଣଦେଖା କରିବା ବିଳମ୍ବ କିମ୍ବା ବାରମ୍ବାର ବିଫଳତା ଆଣିପାରେ । ଜ୍ୟୋତିଷଶାସ୍ତ୍ର ବିଶେଷଜ୍ଞମାନେ କୁହନ୍ତି ଯେ ଏକ କୁଣ୍ଡଳୀ ଜଣେ ବ୍ୟକ୍ତିଙ୍କ ଜୀବନର ଦିଗକୁ ସୂଚାଇଥାଏ, ଏବଂ ଯଦି ଏହାର ସୂଚକକୁ ସଠିକ୍ ଭାବରେ ବୁଝାଯାଏ, ତେବେ ଜୀବନ ସମ୍ବନ୍ଧୀୟ ଅନେକ ସମସ୍ୟାର ସମାଧାନ ହୋଇପାରିବ । ବିବାହ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ କୁଣ୍ଡଳୀର ଭୂମିକାକୁ ବୁଝିବା ପ୍ରାୟତଃ ସଠିକ୍ ଜୀବନସାଥୀ ବାଛିବାରେ ସହାୟକ ହୋଇଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ, ଯଦି ଏକ କୁଣ୍ଡଳୀ ସ୍ପଷ୍ଟ ଭାବରେ ଆନ୍ତଃଜାତି ବିବାହକୁ ସୂଚାଇଥାଏ, ତେବେ ପରିବାର ଏବଂ ବ୍ୟକ୍ତି ଉଭୟଙ୍କୁ ଖୋଲା ମନରେ ନିଷ୍ପତ୍ତି ନେବାକୁ ପଡିବ । ସେ କୁହନ୍ତି ଯେ କୁଣ୍ଡଳୀ ବିବାହକୁ ରୋକେ ନାହିଁ ବରଂ ସଠିକ୍ ପଥ ଦେଖାଏ, ଏବଂ ସେହି ପଥକୁ ବୁଝି ଆଗକୁ ବଢ଼ିବା ଦ୍ୱାରା, ବିବାହ ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବା ସମ୍ଭବ ହୁଏ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ -
୮୨୪୯୫୦୨୭୭୬

# ଯୁଦ୍ଧ ନୁହେଁ ଶାନ୍ତି ଦରକାର

କାଳୀ ଦାସ

ଯୁଦ୍ଧ ମାନବ ସମାଜର ସବୁଠାରୁ ବଡ଼ ଶତ୍ରୁ ।ଏକ ଅଭିଶାପ କହିଲେ ଭୁଲ ହେବନି ।ଯେତେ ବେଳେ ବି ଯୁଦ୍ଧ ହୋଇଛି ତାହା ଅନେକ କ୍ଷୟ କ୍ଷତି ଘଟାଇଛି ।ଧରିତ୍ରୀ ର ବୁକୁ ମାନବ ରକ୍ତ ରେ ଭିଜିଛି ।ଅନେକ ନାରକୀୟ ଘଟଣା କୁ ଜନ୍ମ ଦେଇଛି । ମହାଭାରତର ଯୁଦ୍ଧ ହେଉ ବିଶ୍ୱ ଯୁଦ୍ଧ ହେଉ କିମ୍ବା ଆଜି ହେଉଥିବା ଯୁଦ୍ଧ ହେଉ ସବୁଠି ସେଇ ଏକ କଥା । ମଣିଷ ର ଦୁଇଟି ମୁଖ୍ୟ ଶତ୍ରୁ ହେଲେ ନ୍ତକ୍ଷୁଧା ଏବଂ ଯୁଦ୍ଧନ୍ତ । ଗତ ଚାରିବର୍ଷ ଧରି ଋଷିଆ ଏବଂ ୟୁକ୍ରେନ ଭିତରେ ସଂଘର୍ଷ ଚାଲିଛି । ଚଉଦ ହଜାର ରୁ ଅଧିକ ଲୋକ ଏହି ଯୁଦ୍ଧ ରେ ମୃତ୍ୟୁ ବରଣ କରି ସାରିଲେଣି । ବିଶ୍ୱ ଦୁଇ ଭାଗରେ ବିଭକ୍ତ ହୋଇଛି କହିଲେ ଭୁଲ ହେବନି ।ଏହି ଯୁଦ୍ଧ ର ଅବସାନ ହେବା ଦେଖାଯାଇନାହିଁ ।ଏତିକି ବେଳେ ଅନ୍ୟ ଏକ ଯୁଦ୍ଧ ମୁଣ୍ଡ ଉଠାଇଛି ।ବର୍ତ୍ତମାନ ର ଯୁଦ୍ଧ ଆହୁରି ଭୟାବହ ହୋଇ ଯାଇଛି ।ଏହି ଯୁଦ୍ଧ ର ଗୋଟିଏ ପଟେ ଆମେରିକା ଓ ଇସ୍ରାଇଲ ଥିଲା ବେଳେ ଅନ୍ୟ ପଟେ ଇରାନ ଠିଆ ହୋଇଛୁ ।କୁହାଯାଉଛି କି ଇରାନ କୁ ଋଷିଆ ଓ ଚାଇନା ର ସମର୍ଥନ ରହିଛି । ଆମେରିକା ଓ ଇସ୍ରାଇଲ ଇରାନ କୁ ନ୍ୟୁକ୍ଲିଏର ପ୍ରୋଗ୍ରାମ କୁ ସ୍ଥଗିତ କରିବା ପାଇଁ ଧମକ ଦେବା ସଂଘେ ସଙ୍ଗେ ଏହି ଯୁଦ୍ଧ ର ସ୍ଥିତି କୁ ଆଣି ଠିଆ କରାଇଛନ୍ତି । ୟୁଏସ ଏବଂ ଇସ୍ରାଇଲ ର ନ୍ୟୁକ୍ଲିଏର ଏବଂ ମିଲିଟାରୀ ଇନଫ୍ରାଷ୍ଟ୍ରାକଚର କୁ ବାରମ୍ବାର ଆକ୍ରମଣ କରିଛନ୍ତି ।ଏବଂ ପ୍ରତିବାଦ ରେ ଇରାନ ଇସ୍ରାଇଲ ଏବଂ ଆମେରିକା ର ସୈନ୍ୟ ବେଶ କୁ ଟାରର୍ଗେଟ କରିଛି । ମିଡିଲ ଇଷ୍ଟ ର କଟର, କୁଓ୍ୱେଟ,ବେହେରିନ ରେ ଇରାକର ଓ ଜାପାନ ରେ ଆମେରିକା ର ସୈନ୍ୟ ବେଶ ରହିଛି ।ସାଉଦିଆରବ,ଇରାକ , ଇରାନ ଓମେନ , କ୍ୱାଟାର କୁଏଟ ପ୍ରଭୃତି ଦେଶ ଗୁଡ଼ିକ ବିଶ୍ୱର ୪୮% ତେଲ ପ୍ରଡୁସ କରିଥାନ୍ତେ । ବର୍ତ୍ତମାନ ଏହି ଯୁଦ୍ଧ ପାଇଁ ବିଶ୍ୱରେ ତୈଳ ଓ ଗ୍ୟାସ ସଙ୍କଟ ଦେଖିବାକୁ ମିଳିଛି । ଭାରତ ରେ ଇଂନ୍ଧନ ଗ୍ୟାସ ର ସଙ୍କଟ ଦେଖିବାକୁ ମିଳିଛି ।ଲୋକମାନେ ଲମ୍ବା ଲାଇନ ରେ ଠିଆ ହୋଇ ଗ୍ୟାସ ସିଲିଣ୍ଡର ନେଉଛନ୍ତି । ସିଲିଣ୍ଡର ପିଛା ଷାଠିଏ ଟଙ୍କା ବଢ଼ିଯାଇଛି ।ଇସ୍ରାଇଲ ଓ ଆମେରିକା ର ମିଳିତ ଆକ୍ରମଣ ରେ ଇରାନ ର ମୁଖ୍ୟ ନେତା ଆୟୋଉଲା ଖେମିନି ମୃତ୍ୟୁ ବରଣ କରିଛନ୍ତି।ସେହିପରି ଇରାନ ର ଅନ୍ୟ ମୁଖ୍ୟ ମିଲିଟେରୀ ନେତା ମଧ୍ୟ ମୃତ୍ୟୁ ବରଣ କରିଛନ୍ତି । ଇସ୍ରାଇଲ ର ନ୍ୟୁକ୍ଲିଏର ସାଇଟ ରେ ଇରାନ ର ମିଜାଇଲ ୧୮୦ ଜଣ ଙ୍କୁ ଆକ୍ରମଣ କରି ସାରିଛି । ଶହ ଶହ ମିଜାଇଲ ବୃଷ୍ଟି ଦୁଇ ପଟରୁ ହୋଇଛି ।ଏବଂ ଶହ ଶହ ଙ୍କୁ ମୃତାହତ କରିଛି ।ଏହି ଭିତରେ ଆମେରିକା ପାଞ୍ଚ ଦିନ ପାଇଁ ଯୁଦ୍ଧ ବିରତି ଘୋଷଣା କରିଥିଲା ବେଳେ ଇରାନ ତରଫରୁ କୌଣସି ପ୍ରକାର ଯୁଦ୍ଧ ବିରତି ର ଘୋଷଣା କରାଯାଇନାହିଁ ବୋଲି କୁହାଯାଉଛି । ଇସ୍ରାଇଲ ଓ ଆମେରିକା ର ଆକ୍ରମଣ ରେ ସାଉଥ ପାରସ ଗ୍ୟାସ ଫିଲ୍ଡ ଏବଂ ଆଗାଲୁୟେହ ଓଏଲ ରିଫାଇନର ବିଶେଷ କ୍ଷତିଗ୍ରସ୍ତ ହୋଇଛି ।ଅନେକ ପାଇପ୍ ଲାଇନ ଷ୍ଟୋରେଜ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି ଏହା ବିଶ୍ୱ ରେ ତୈଳ ଓ ଗ୍ୟାସ ସଙ୍କଟ ଜନ୍ମ ଦେଇଛି । ଇରାନ ର ସେନାବାହିନୀ ଅନ୍ୟ ଦେଶ ର ଜାହାଜ ଙ୍କୁ ହରମୁଜ ମଧ୍ୟ ଦେଇ ଗତି କରିବା କୁ ଅନୁମତି ଦେଇ ନଥିବା ରୁ ବିଶ୍ୱର ଅନେକ ସ୍ଥାନ କୁ ପେଟ୍ରୋଲ ଡିଜେଲ ଯାଇ ପାରୁ ନାହିଁ ।ବର୍ତ୍ତମାନ ଏହି ସମସ୍ୟା ଭିତରେ ସମ୍ପୂର୍ଣ୍ଣ ବିଶ୍ୱର ଅର୍ଥନୀତି ପ୍ରଭାବିତ ହୋଇଛି ।ସମଗ୍ର ବିଶ୍ୱ ଏହି ସଙ୍କଟ ରୁ ମୁକ୍ତି ପାଇବା ପାଇଁ ଚାହୁଁଛି । ଇରାନ ଓ ଇସ୍ରାଇଲ ଏବଂ ଆମେରିକା ଭିତରେ ମଧ୍ୟସ୍ଥତା କରିବା ପାଇଁ ପାକିସ୍ଥାନ ତୁର୍କୀ ପ୍ରଭୃତି ରାଷ୍ଟ୍ର ଆଗେଇ ଆସିଛନ୍ତି କିନ୍ତୁ ଏହା କେତେ ଦୂର ସଫଳ ହୋଇପାରିବ ଜଣା ନାହିଁ ।ଭାରତ ରେ ଏହି ମଧ୍ୟସ୍ଥତା କୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି କାହିଁକି ଭାରତ କୁ ମଧ୍ୟସ୍ଥତା ପାଇଁ ଦେଶ ଗୁଡ଼ିକ ଅନୁରୋଧ କଲେ ନାହିଁ ? ଶହେ ପଚାଶ କୋଟି ଜନତା ର ଦେଶ ଭାରତ,ବିଭିନ୍ନ ଧର୍ମ ର ଲୋକ ଏଠାରେ ବସବାସ କରନ୍ତି କିନ୍ତୁ ଭାରତ ଉପରେ କାହିଁକି ଦେଶ ଗୁଡ଼ିକ କାହିଁକି ନିର୍ଭର କରି ପାରିଲେ ନାହିଁ । ଯାହା ହେଲେ ଭି ଆମ କୁ ଶାନ୍ତି ଦରକାର ।ଆଶା କରାଯାଏ ଯେ ଏହି ଯୁଦ୍ଧ ର ଅବସାନ ହେବ ।

ବ୍ରହ୍ମପୁର
ଖୋଡାସିଂଙ୍ଗି କଳିଙ୍ଗନଗର
ଗଞ୍ଜାମ,
ପିନ -୭୬୦୦୧୦
ଫୋନ ନମ୍ବର -
୭୨୦୫୧୦୦୮୩୯
Email id - kirankumardas.143@gmail.com.

# ଧର୍ମାନ୍ତକାରୀଙ୍କୁ ସଂରକ୍ଷଣ ନା’ ଯଥାର୍ଥ

ସୌଭାଗ୍ୟ ରଂଜନ ମହାନ୍ତି

ଦେଶରେ ହିନ୍ଦୁ, ଶିଖ୍ ଓ ବୌଦ୍ଧ ଧର୍ମାଲମ୍ବୀ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ସମ୍ପ୍ରଦାୟକୁ ସଂରକ୍ଷଣ ସୁବିଧା ସୁଯୋଗ ମିଳିବ ବୋଲି ସୁପ୍ରିମକୋର୍ଟଙ୍କ ରାୟ ଯଥାର୍ଥ ବୋଲି କୁହାଯାଇପାରିବ । ଆନ୍ଧ୍ରପ୍ରଦେଶରେ ଧର୍ମ ପରିବର୍ତ୍ତନ କରି ଜଣେ ଖ୍ରୀଷ୍ଟିଆନ ଧର୍ମଯାଜକ ଏସସି/ଏସଟି ସୁରକ୍ଷା ଅଧିନରେ (ନିର୍ଯ୍ୟାତନା ନିବାରଣ) ଆଇନ ବଳରେ ସଂରକ୍ଷଣ ଏବଂ ସୁରକ୍ଷା ଦାବି କରିବା ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ଏହି ଆଇନ କେବଳ ହିନ୍ଦୁ, ଶିଖ ଏବଂ ଧର୍ମରେ ଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପାଇଁ ପ୍ରଯୁର୍ଯ୍ୟ । ଏଥିସହ ଆନ୍ଧ୍ରପଦେଶ ହାଇକୋର୍ଟଙ୍କ ଦେଇଥିବା ରାୟକୁ କାଏମ ରଖି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ସମ୍ବିଧାନର ଧାରା ୩୪୧ ଅନୁସାରେ ୧୯୫୦ ମସିହାରେ ଜାରି ନିର୍ଦ୍ଦେଶ ଅନୁଯାୟୀ ଏହି ତିନି ଧର୍ମରୁ ଯେଉଁ ଅନୁସୂଚିତ ଜାତି ବର୍ଗର ଯେଉଁ ଲୋକମାନେ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଛନ୍ତି, ସେମାନଙ୍କ ପାଇଁ ଆଇନରେ ଥିବା ସଂରକ୍ଷଣ ତଥା ସୁବିଧା ସୁଯୋଗ ପ୍ରଯୁର୍ଯ୍ୟ ହେବ ନାହିଁ ଏବଂ ସେମାନେ ଏସସି ବର୍ଗର ମାନ୍ୟତା ହରାଇବେ । ଉଲ୍ଲେଖଯୋଗ୍ୟ ଯେ, କେବଳ ହିନ୍ଦୁ ଧର୍ମରେ ଥିବା ମୂଳ ଏସସି ସମ୍ପ୍ରଦାୟ ପାଇଁ ଏହି ଆଇନ ଉଦ୍ଦିଷ୍ଟ ଥିଲା । କିନ୍ତୁ ୧୯୫୬ରେ ଶିଖ୍ ଏବଂ ୧୯୯୦ ମସିହାରେ ବୁଦ୍ଧ ଧର୍ମାଲମ୍ବୀମାନଙ୍କୁ ଏହି ଆଇନରେ ଅନ୍ତର୍ଭୁକ୍ତ କରାଯାଇଥିଲା । କହିବା ବାହୁଲ୍ୟ ଯେ, ହିନ୍ଦୁ ସମାଜରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଜନସାଧାରଣ ଛୁଆଁ ଅଛୁଆଁ ଭେଦଭାବର ଶିକାର ହେଉଥିବା ନେଇ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସମେତ ଭାରତର ପ୍ରତିଷ୍ଠାତା ନେତାମାନେ ସ୍ପଷ୍ଟ ଭାବେ କହିଥିଲେ । କିନ୍ତୁ ପରେ ରାଜନୈତିକ ଏବଂ ସାମାଜିକ ବାସ୍ତବତା ଏଥବରେ ସଂଶୋଧନ କରିବାକୁ ବାଧ୍ୟ କରିଥିଲା । ଦାବି ଏବଂ ସ୍ୱାୟତତା କାର୍ଯ୍ୟକଳାପ ଅନୁସାରେ ଏସସି ସମ୍ପ୍ରଦାୟର ଲୋକମାନେ ଧର୍ମାନ୍ତକରଣକୁ ଆଦରି ନେଇଥିଲେ । ଏପରିକି ସମ୍ବିଧାନର ପ୍ରଣେତା ଡକ୍ଟର ବି.ଆର. ଆମ୍ବେଦକର ନିଜେ ଏକ ଗଣ ଧର୍ମାନ୍ତକରଣର ନେତୃତ୍ୱ ନେଇ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ସେ ୧୯୫୬ ମସିହାରେ ବୌଦ୍ଧ ଧର୍ମ ଗ୍ରହଣ କରିଥିଲେ । ଯେଉଁ ବର୍ଷ କି ଶିଖ୍ ଧର୍ମରେ ଥିବା ସମସ୍ତ ଅନୁସୂଚିତ ଜାତି ସମ୍ପ୍ରଦାୟକୁ ସଂରକ୍ଷଣ ସମେତ ସ୍ୱତନ୍ତ୍ର ସୁବିଧା ସୁଯୋଗ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ବହୁ ବିଳମ୍ବରେ ୧୯୯୦ ମସିହାରେ ବୌଦ୍ଧ ଧର୍ମରେ ଥିବା ଏସସି ବର୍ଗକୁ ଏହି ଆଇନର ପରିସରଭୁକ୍ତ କରାଯାଇଥିଲା । ଧର୍ମତତ୍ୱ ଓ ଆଇନଗତ ବିତର୍କକୁ ଆଧାରରେ କୋର୍ଟ ଏହି ପ୍ରଭେଦ ଘୋଷଣା କରିଥିଲେ । ଆହୁରି ମଧ୍ୟ ଖ୍ରୀଷ୍ଟିଆନ ଓ ଇସ୍‌ଲାମ ଧର୍ମରେ ସାମାଜିକ ବର୍ଗୀକରଣ ଆଧାରରେ କୌଣସି ବାଚବିଚାର ବା ଭେଦଭାବ ନାହିଁ । ସେହିପରି ଶିଖ୍ ଓ ବୌଦ୍ଧ ଧର୍ମ ହିନ୍ଦୁ ସମାଜ ତଥା ହିନ୍ଦୁ ଧର୍ମର ଏକ ଅଂଶ ବିଶେଷ, ଯେଉଁଥିରେ ବାଛବିଚାର ଓ ବର୍ଗୀକରଣ ରହିଛି । ଯାହା ଫଳରେ ସେମାନେ ରାଜନୈତିକ ଓ ସାମ୍ବିଧାନିକ ବୈଧତା ପାଇବାକୁ ହକଦାର ହୋଇଛନ୍ତି । ଆହୁରି ମଧ୍ୟ ସମ୍ବିଧାନର ୨୫(୨) ଧାରା ଅନୁସାରେ ଶିଖ୍, ବୁଦ୍ଧ ଏବଂ ଜୈନ ବିଶ୍ୱାସ ହିନ୍ଦୁ ଧର୍ମ ଅନ୍ତର୍ଭୁକ୍ତ । କିନ୍ତୁ ଇସ୍‌ଲାମ ଓ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ଧର୍ମାନ୍ତକରଣଙ୍କ ପାଇଁ ଏଭଳି କୌଣସି ଅକାଟ୍ୟ ଧ୍ରର୍ମ ତତ୍ୱ କିମ୍ବା ସାମ୍ବିଧାନିକ ବ୍ୟାଖ୍ୟା ନାହିଁ । କହିବା ବାହୁଲ୍ୟ ଯେ, ଇସ୍‌ଲାମ କିମ୍ବା ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବା ଏସସି ଲୋକମାନେ ସେମାନଙ୍କ ନୂତନ ଧର୍ମରେ କୌଣସି ବାଛବିଚାର କିମ୍ବା ଅସ୍ପୃଶ୍ୟତାର ଶିକାର ହୁଏ । ଏହା ସତ୍ୟ ଯେ, କୌଣସି ଧର୍ମତତ୍ୱ ବାଛବିଚାର ମୁରୀ ଆବଶ୍ୟକତା କରେ ନାହିଁ । ଏହା ସତ୍ତ୍ୱେ ପରିବର୍ତ୍ତନକାରୀଙ୍କୁ ସଂରକ୍ଷଣ ଓ ଅନ୍ୟ ସୁବିଧା ସୁଯୋଗର ଅର୍ନ୍ତଭୁକ୍ତ କରିବା ପ୍ରସଙ୍ଗ ଏବେ ଏକ ଭାରାକ୍ରାନ୍ତ ପ୍ରସଙ୍ଗ ହୋଇ ରହିଛି । ଏ ସମ୍ପର୍କରେ ପରୀକ୍ଷା ପାଇଁ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି କେଜି ବାଲକ୍ରିଷ୍ଣନଙ୍କ ନେତୃତ୍ୱରେ ଏକ କମିଶନ ସରକାର ଗଠନ କରିଛନ୍ତି । କମିଶନ ତାଙ୍କ ରିପୋର୍ଟ ଖୁବଶୀଘ୍ର ପ୍ରଦାନ କରିବା ଆଶା କରାଯାଉଛି । ଅତୀତରେ ୨୦୦୭ରେ ଜଷ୍ଟିସ ରଙ୍ଗନାଥ ମିଶ୍ର କମିଶନ ଖ୍ରୀଷ୍ଟ ଏବଂ ଇସ୍‌ଲାମ ଧର୍ମକୁ ଧର୍ମାନ୍ତକରଣ କରିଥିବା ଦଳିତଙ୍କୁ ଏସସି ସଂରକ୍ଷଣ ପାଇଁ ସୁପାରିଶ କରିଥିଲେ ମଧ୍ୟ କେନ୍ଦ୍ର ସରକାର ୨୦୨୨ରେ ରିପୋର୍ଟକୁ ଅଗ୍ରାହ୍ୟ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ ଏସସି/ଏସଟି ଧର୍ମାନ୍ତକରଣ ସଂରକ୍ଷଣ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ଦାବିକୁ ଦଳିତମାନେ ଦୃଢ ବିରୋଧ କରି ଆସୁଛନ୍ତି । ଏସି ସମ୍ପ୍ରଦାୟର ଯେଉଁମାନେ ଖ୍ରୀଷ୍ଟ କିନ୍ତୁ ଇସଲାମ ଧର୍ମ ଗ୍ରହଣ କରିଛନ୍ତି, ସେମାନଙ୍କୁ ସମ୍ବିଧାନର ଧାରା ୧୫(୪) ଅନୁସାରେ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ଭାବେ ସୁବିଧା ସୁଯୋଗ ପାଉଛନ୍ତି । ଉପସ୍ଥିତ ଆଇନ ଓ ସାମ୍ବିଧାନିକ ନିର୍ଦ୍ଦେଶ ଅନୁସାରେ ସୁପ୍ରିମକୋର୍ଟଙ୍କ ନିଷ୍ପତି ଯଥାର୍ଥ । ତେବେ ଏଥିପାଇଁ ଯେକୌଣସି ପରିବର୍ତ୍ତନ ବା ସଂଶୋଧନ କେବଳ ଏକ ରାଜନୈତିକ ପ୍ରକ୍ରୀୟା ଏବଂ ବିଧେୟକ ପଥ ସମ୍ଭବ ହେବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋବାଇଲ ନଂ-
୯୪୩୭୯୯୪୩୭୯

### କଟକ ସଦର ଥାନାକୁ ଚ୍ୟାଲେଞ୍ଜ ଦେଉଛନ୍ତି ଚୋର

# ମନ୍ଦିର ପରେ ଶିକ୍ଷକଙ୍କ ଘରେ କଳାକାରନାମା

## ଚୋର ଚିହ୍ନଟ ହେଲେ ମଧ୍ୟ ଗିରଫ ନହେବାରୁ ପୋଲିସ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ

**ଫୁଲନଖରା :** କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନ ପଞ୍ଚାୟତର ନଡିଆଗୁରୁଡ଼ି ଗ୍ରାମରେ ଦିନକୁ ଦିନ ଚୋରି ଘଟଣା ବୃଦ୍ଧି ପାଉଥିବାବେଳେ ସଦର ପୋଲିସର ନିଷ୍କ୍ରିୟ ଭୂମିକାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅସନ୍ତୋଷର ପରିବେଶ ସୃଷ୍ଟି ହୋଇଛି। ଏକପଟେ ଶ୍ରୀଜଗନ୍ନାଥ ମନ୍ଦିରରୁ ହୁଣ୍ଡି ବାକ୍ସ ଭାଙ୍ଗି ସମସ୍ତ ଦାନରାଶି ଲୁଟ ହୋଇଥିବାବେଳେ, ଅନ୍ୟପଟେ ମାତ୍ର ଚାରି ଦିନ ବ୍ୟବଧାନରେ ଜଣେ ଶିକ୍ଷକଙ୍କ ଘରେ କଳାକାରନାମା କରି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଯାଇଛି। ଦୁଇଟି ଘଟଣାରେ ପୋଲିସ ତଦନ୍ତର ନାମରେ କେବଳ ଔପଚାରିକତା ସାରିଥିବାବେଳେ ଏପର୍ଯ୍ୟନ୍ତ ଚୋରମାନେ ଗିରଫ ହୋଇନଥିବାରୁ ଲୋକମାନେ ପୋଲିସ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଗତ ୧୬ ଏପ୍ରିଲ ରାତିରେ ନଡିଆଗୁରୁଡ଼ି ସ୍ଥିତ ଆମ୍ରପଲ୍ଲୀ ରିସର୍ଟ ନିକଟରେ ଥିବା ପ୍ରସିଦ୍ଧ ଶ୍ରୀଜଗନ୍ନାଥ ମନ୍ଦିରକୁ ଦୁର୍ବୃତ୍ତମାନେ ଟାର୍ଗେଟ କରିଥିଲେ। ମନ୍ଦିରର ମୁଖ୍ୟ ଗେଟର ତାଲା କାଟି ହୁଣ୍ଡି ବାକ୍ସ ଉଠାଇ ନେବା ପରେ ମନ୍ଦିର ପଛପଟେ ଥିବା ସ୍ଥାନରେ ତାହାକୁ ଭାଙ୍ଗି ଭକ୍ତମାନଙ୍କ ଦାନର




ସମସ୍ତ ଅର୍ଥ ଲୁଟ କରି ନେଇଥିଲେ। ଘଟଣା ପରେ ମନ୍ଦିର ପରିଚାଳନା କମିଟି ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସିସିଟିଭି ଫୁଟେଜ ଆଧାରରେ ଜଣେ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିବା ସୂଚନା ମିଳିଥିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଚୋର ଚିହ୍ନଟ ହେବା ସତ୍ତ୍ୱେ ଏପର୍ଯ୍ୟନ୍ତ ତାଙ୍କୁ ଗିରଫ କରାଯାଇନାହିଁ। ପୋଲିସର ଏହି ଅବହେଳାର ସୁଯୋଗ ନେଇ ଚୋରମାନେ ଆହୁରି ସାହସୀ ହୋଇପଡ଼ିଥିବା କୁହାଯାଉଛି। ମନ୍ଦିର ଚୋରି ଘଟଣାର ମାତ୍ର ଚାରି ଦିନ ପରେ, ଅର୍ଥାତ ୨୦ ଏପ୍ରିଲ ରାତିରେ, ସେହି ନଡିଆଗୁରୁଡ଼ି ଗ୍ରାମର ଶିକ୍ଷକ ଶରତ କୁମାର ଆଚାର୍ଯ୍ୟଙ୍କ ଘରେ ଚୋରମାନେ ଝରକା କାଟି ପ୍ରବେଶ କରିଥିଲେ। ଘର ଭିତରେ ଥିବା ଆଲମାରି ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ୩୦ ରୁ ୪୦ ହଜାର ଟଙ୍କା ନଗଦ ଚୋରି କରି ନେଇଥିଲେ। ପରିବାରଲୋକ ଘଟଣା ଜାଣି ସଦର ଥାନାକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନୀ କୁକୁର ମାଧ୍ୟମରେ ତଦନ୍ତ କରିଥିଲେ। କିନ୍ତୁ ତଦନ୍ତ ଏଠିରେ ଅଟକି ଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ଚୋରମାନଙ୍କ ଖୋଜ ମିଳିନାହିଁ। ପର୍ଯ୍ୟାୟକ୍ରମେ ଘଟୁଥିବା ଏହି ଚୋରି ଘଟଣା ଓ ପୋଲିସର ଦୃଶ୍ୟମାନ ନିଷ୍କ୍ରିୟତା ଫଳରେ ସମଗ୍ର ଅଞ୍ଚଳରେ ଭୟର ପରିବେଶ ଖେଳିଯାଇଛି। ରାତି ହେଲେ ଗ୍ରାମବାସୀ ଆତଙ୍କିତ ହେଉଥିବାବେଳେ ନିଜ ଘର ଓ ସମ୍ପତ୍ତିର ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଚାଲିଛି। ଲୋକମାନଙ୍କ ଅଭିଯୋଗ, ପୋଲିସ ଯଦି ମନ୍ଦିର ଚୋରି ମାମଲାରେ ସମୟୋପଯୋଗୀ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ନେଇଥାନ୍ତା, ତେବେ ପରବର୍ତ୍ତୀ ବଡ଼ ଚୋରିକୁ ରୋକାଯାଇପାରୁଥାନ୍ତା। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମତରେ, ଏଭଳି ଘଟଣା ସଦର ପୋଲିସର ଗୁଇନ୍ଦା ବ୍ୟବସ୍ଥା ଓ ରାତ୍ରିକାଳୀନ ପେଟ୍ରୋଲିଂର ଦୁର୍ବଳତାକୁ ପ୍ରକାଶ କରୁଛି। ଚୋରମାନେ ଏକ ପରେ ଏକ ଘଟଣା ଘଟାଇ ପୋଲିସକୁ ଚ୍ୟାଲେଞ୍ଜ କରୁଥିବାବେଳେ ଆଇନ-ଶୃଙ୍ଖଳା ରକ୍ଷାରେ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ଏହି ପରିପ୍ରେକ୍ଷୀରେ ନଡିଆଗୁରୁଡ଼ି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀ ତୁରନ୍ତ ଚୋରମାନଙ୍କୁ ଗିରଫ କରି କଠୋର ଆଇନଗତ ପଦକ୍ଷେପ ନେବା ସହ ରାତ୍ରିକାଳୀନ ପୋଲିସ ପେଟ୍ରୋଲିଂକୁ ସୁଦୃଢ଼ କରିବାକୁ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଚୋରମାନଙ୍କ ଉପଦ୍ରବ ଆହୁରି ବଢ଼ିବା ସହ ସାଧାରଣ ଲୋକଙ୍କ ଧନ-ଜୀବନ ସୁରକ୍ଷା ଗୁରୁତର ସଙ୍କଟରେ ପଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ୱାର୍ଡେନଙ୍କ ଦୁର୍ବ୍ୟବହାର ଓ ଅନିୟମିତତା

# ସରକାରୀ ଆଇଟିଆଇ କଲେଜ ଛାତ୍ରୀଙ୍କ ବିକ୍ଷୋଭ



**ବାଲେଶ୍ୱର :** ବାଲେଶ୍ୱର ସରକାରୀ ଆଇଟିଆଇ (ITI) କଲେଜର ଛାତ୍ରୀମାନେ ହଷ୍ଟେଲ ୱାର୍ଡେନଙ୍କ ଦୁର୍ବ୍ୟବହାର ଓ ବିଭିନ୍ନ ଅନିୟମିତତାର ଅଭିଯୋଗ ଆଣି ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୱାର୍ଡେନଙ୍କୁ ତୁରନ୍ତ ବଦଳାଇବା ସହ ପୂର୍ବରୁ ଆଦାୟ ହୋଇଥିବା ଟଙ୍କା ଫେରସ୍ତ କରିବାକୁ ଛାତ୍ରୀମାନେ ଦାବି କରିଛନ୍ତି।ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ, ହଷ୍ଟେଲ ୱାର୍ଡେନ ଓ ତାଙ୍କ ସ୍ୱାମୀ ଛାତ୍ରୀମାନଙ୍କ ସହ ଅଭଦ୍ର ବ୍ୟବହାର କରୁଥିବାବେଳେ ଅସୁସ୍ଥ ସମୟରେ ମଧ୍ୟ କଟୁ କଥା କହି ଅପମାନିତ କରୁଛନ୍ତି। ଏହାସହ ପୂର୍ବତନ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମୟରେ ପ୍ରତି ଛାତ୍ରୀଙ୍କଠାରୁ ମେଣ୍ଟେନାନ୍ସ ନାମରେ ମାସିକ ୫୦ ଟଙ୍କାରୁ ଅଧିକ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ସେହି ଟଙ୍କା ଫେରସ୍ତ କରିବାକୁ ମଧ୍ୟ ଛାତ୍ରୀମାନେ ଦାବି କରିଛନ୍ତି।ଅନ୍ୟପଟେ, କଲେଜ କର୍ତ୍ତୃପକ୍ଷ ଭଲ କାମ କରୁଥିବା ରୋଷେୟା ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବଦଳାଇବାକୁ ଚେଷ୍ଟା କରୁଥିବାରୁ ଛାତ୍ରୀମାନେ ଏହାକୁ ମଧ୍ୟ ବିରୋଧ କରିଛନ୍ତି। ସମସ୍ୟାର ସମାଧାନ ନହେଲେ କ୍ଲାସ ବର୍ଜନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ସରକାରୀ ଆଇଟିଆଇର ପ୍ରିନ୍ସିପାଲ ମହେନ୍ଦ୍ର କୁମାର ବେହେରା କହିଛନ୍ତି ଯେ, ଛାତ୍ରୀମାନଙ୍କ ସହ ଆଲୋଚନା କରାଯାଇଛି। ନୂଆ ୱାର୍ଡେନ ନିଯୁକ୍ତି ହେଉ ପର୍ଯ୍ୟନ୍ତ ପୁରୁଣା ବ୍ୟବସ୍ଥା ଚାଲିବ ଏବଂ ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# ପୋଲିସ ଆଇନ ଶୃଙ୍ଖଳା ପାଇଁ କରିଛି ନୂଆ ଅଭିଯାନ

**ବଲାଙ୍ଗୀର :** ବଲାଙ୍ଗିର ପୋଲିସ କ୍ରାଇମ୍‌କୁ ରୋକିବା ପାଇଁ ଆରମ୍ଭ କରିଛି ଏକ ନୂଆ ଅଭିଯାନ । ଯେଉଁମାନେ ଚୋରି, ରାହାଜାନି, ଡକାୟତି, ଗଂଜେଇ, କଫ ସିରଫ ଚୋରା ଚାଲାଣ ଓ ବେଆଇନ ମଦ ବିକିବା ମାମଲାରେ ଗିରଫ ହୋଇ ବାରମ୍ବାର ଜେଲ ଯାଉଛନ୍ତି । ପୁଣି ବାହାରକୁ ଆସି ସେହି କାମରେ ହିଁ ଲିପ୍ତ ରହୁଛନ୍ତି । ଗୋଟିଏ ପ୍ରକାର କହିବାକୁ ଗଲେ ପେଶାଦାର ଅପରାଧି ସାଜୁଛନ୍ତି । ସେମାନଙ୍କ ପାଇଁ ବଲାଙ୍ଗିର ପୋଲିସ ପକ୍ଷରୁ ଏହି ନୂଆ ଅଭିଯାନ ଆରମ୍ଭ କରାଯାଇଛି । ସେମାନଙ୍କୁ ଏହି ନୂଆ ଅଭିଯାନରେ କଡ଼ା ଦଫା ଲଗାଇ ଜେଲ ପଠାଯିବ । । ଯଦ୍ୱାରା ସେମାନେ ଏଭଳି ଅପରାଧୀକ କାର୍ଯ୍ୟରେ ଆଉ ଲିପ୍ତ ରହିବେ ନାହିଁ । ଯାହାକୁ ନେଇ ସ୍ଥାନୀୟ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ବଲାଙ୍ଗିର ଏସ୍‌ପି ଏକ ସାମ୍ବାଦିକ ସମ୍ମିଳନୀ କରି ବଡ଼ ସୂଚନା ଦେଇଛନ୍ତି । ଏହି ନୂଆ ଅଭିଯାନରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ୧୧୦ ଜଣ ବ୍ୟକ୍ତିଙ୍କ ବିରୋଧରେ ୧୨୬ଟି ପ୍ରିଭେଣ୍ଟିଭ୍ ପିଆର୍ ଏବଂ ଜଣେ ବ୍ୟକ୍ତିଙ୍କ ବିରୋଧରେ ୧ଟି ୧୨୯ ପିଆର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଏସ୍‌ପି ଅଭିଲାଷ ଜି କହିଛନ୍ତି । ଏହି ଅଭିଯାନ ଜିଲ୍ଲା ପୁଲିସ ପକ୍ଷରୁ ୧୧.୦୫.୨୦୨୬ ତାରିଖରୁ ଆରମ୍ଭ କରାଯାଇଥିବା ନେଇ ସୂଚନା ଦିଆଯାଇଛି ।

# ଟ୍ରାକ୍ଟର-ଅଟୋ ମୁହାଁମୁହିଁ ଧକ୍କା, ଜଣେ ମୃତ ୪ ଗୁରୁତର



**ଚିକିଟୀ :** କେ ନୂଆଗାଁ ଥାନାକନ୍ଧ ଖୁଦୁଡ଼ି ଛକ ନିକଟରେ ଦିବା ପ୍ରାୟ ୧୨.୩୦ ମିନିଟରେ ଟ୍ରାକ୍ଟର - ଅଟୋ ମୁହାଁମୁହିଁ ଧକ୍କା ହେବ। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ ହୋଇଛି ଦେଓଖାଳି ଗ୍ରାମର ଅମ୍ବିକା ପ୍ରଧାନ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତିଜଣକ ଦେଖାଳି ଗ୍ରାମର ଅମ୍ବିକା ପ୍ରଧାନ ବୋଲି ଜଣାପଡିଥିବା ବେଳେ ଚିକିଟି ବ୍ଲକ କେ ଖୁଦୁଡ଼ି ଗ୍ରାମର ସୁଶୀଳା ମଲ୍ଲିକ (୩୫), ଲାଲମେଣ୍ଟ ଗ୍ରାମର ବିଷ୍ଣୁ ପ୍ରିୟା ପ୍ରଧାନ (୨୮),ଏବଂ ପୁଅ ନାବାଳକ ମହେଶ ମଲ୍ଲିକ (୧୦), ଡ୍ରାଇଭର ଅବୀର ସାହୁ(୩୫) ଆହତ ହୋଇଥିବା ଜଣାପଡୁଛି। ସୂଚନା ମୁତାବକ ଲାଲମେଣ୍ଟା ଗ୍ରାମର ପଦ୍ମଲୋଚନ ପ୍ରଧାନ ତାଙ୍କ ପତ୍ନୀ ବିଷ୍ଣୁ ପ୍ରିୟା ପ୍ରଧାନ ଉଭୟେ ଚିକିଟି ପେଣ୍ଠ ରେ ପିଲାଙ୍କ ପାଠପଢିବା ସକାଶେ ରହୁଥିଲେ । ଦେଖାଳି ଗ୍ରାମରେ ଯାତ୍ରା ଦେଖିବା ସକାଶେ ନିଜ ପରିବାର ଙ୍କୁ ଧରି ଦେଖାଳି ସ୍ଥିତ ଶାଶୁ ଅମ୍ବିକା ପ୍ରଧାନ ଙ୍କ ଘରକୁ ଆସିଥିଲେ । ଯାତ୍ରା ସରିବା ପରେ ଦେଖାଳି ଛକରେ ଅଟୋ ଯୋଗେ ଚିକିଟିକୁ ଫେରୁଥିବା ସମୟରେ କେ. ଖୁଦୁଡ଼ି ନିକଟରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ଟ୍ରାକ୍ଟର ସହିତ ମୁହଁକ୍ଷମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳ ରେ ଡ୍ରାଇଭର ଅବିର ସମେତ ୪ ଜଣ ଗୁରୁତର ଆହତ ହୋଇଥିଲେ ।ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ଡ୍ରାଇଭର ଅବିର, ବିଷ୍ଣୁ ପ୍ରିୟା, ସୁଶୀଳା, ମହେଶ, ଅମ୍ବିକା ଙ୍କୁ ଉଦ୍ଧାର କରି ଚିକିଟି ଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଇଥିଲେ । ସମସ୍ତ ଙ୍କ ଅବସ୍ଥା ସଂକଟକ୍ଷପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସା ଚାଲିଥିବା ସମୟରେ ଅମ୍ବିକା ପ୍ରଧାନଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହେଉଥିବା ଜଣାପଡୁଛି । କୌଣସି ସୂତ୍ରରୁ ଖବର ପାଇ କେ ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ ଘଟଣା ସ୍ଥଳରେ ପହଂଚି ଉଭୟେ ଗାଡି କୁ ଜବତ କରି ଥାନା ପରିସର କୁ ଅଣା ଯିବା ସହ ଘଟଣା ଟି ର ତଦନ୍ତ ଚାଲୁ ରହିଥିବା କହିଛନ୍ତି ।

# ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ଛାତ୍ର ଓ ଯୁବ ବିଜେଡିର ବିକ୍ଷୋଭ

- କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ
- ଏନଟିଏର ପରୀକ୍ଷା ପରିଚାଳନାକୁ ଜୋରଦାର ଧିକ୍କାର



**ବାଲେଶ୍ୱର :** ନିଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବାତିଲକୁ ନେଇ ବାଲେଶ୍ୱର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ବଡ଼ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବାରମ୍ବାର ପ୍ରଶ୍ନପତ୍ର ଲିକ ଦ୍ୱାରା ମେଧାବୀ ବିଦ୍ୟାର୍ଥୀଙ୍କ ଜୀବନ ସହ ଖେଳ ହେଉଥିବା ଅଭିଯୋଗ କରି ଦାୟିତ୍ୱରେ ଅବହେଳା କାରଣରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯିବା ସହ ତାଙ୍କର କୁଶ ପୁତ୍ତଳିକା ଦାହ କରାଯାଇଛି । ସେହିପରି ଏନଟିଏର ପରୀକ୍ଷା ପରିଚାଳନାକୁ ନୀତିକୁ ଶତାଧିକ ଛାତ୍ର ଯୁବ ଉପସ୍ଥିତ ରହି ଜୋରଦାର ଧିକ୍କାର ଓ ନାରାବାଜି କରିଛନ୍ତି । ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ତଥା ବିଜେଡି ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ଯୁବ ନେତା ଭରତ ଭୂଷଣ ଦାସ ଓ ଯୁବ ନେତା ଉମାଶଙ୍କର ତିଆଡ଼ିଙ୍କ ନେତୃତ୍ୱରେ ତଥା ଟାଉନ ବିଜେଡି ସଭାପତି ମନୋଜ ରାଉତ ଓ ପୌର ଉପାଧ୍ୟକ୍ଷ କୈଳାଶ ସେଠୀଙ୍କ ପରିଚାଳନାରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ବିଜେଡି ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଗୌତମବୁଦ୍ଧ ଦାସ, ବାଲେଶ୍ୱର ବିଜେଡି ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ ଧିରେନ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେପି ସରକାରର ଛାତ୍ର ମାରଣ ନୀତି ବିରୁଦ୍ଧରେ ବର୍ଷିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ ।ଏହି ଅବସରରେ ବାଲେଶ୍ୱର ଟାଉନର ନେତୃତ୍ୱଙ୍କ ମଧ୍ୟରେ ସଞ୍ଜୟ ବେହେରା, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସେକ ଆୟୁବ, ରୀତିକ ଜୀ, ଅତୁଲ ଶତପଥୀ, କାଉନ୍ସିଲର ସନ୍ଧ୍ୟାରାଣୀ ଜେନା, ନଳିନୀ ରଞ୍ଜନ ଦାସ, ଛାତ୍ରନେତା ବିଭୁଦତ୍ତ ପରିଡ଼ା, ସୁବ୍ରତ ବାଗ, ସୌଭାଗ୍ୟ ଖୁଣ୍ଟିଆ, ରାଜୀବ ନାୟକ, ସୀତାଂଶୁ ସେନାପତି, ଜ୍ୟୋତିପ୍ରକାଶ ଗିରି, ଜ୍ୟୋତିପ୍ରକାଶ ବେହେରା, ରାଧାଶ୍ୟାମ କୁଣ୍ଡୁ, ଅଞ୍ଜିତା ଗିରି, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ରହି ନାରାବାଜି କରିବା ସହ କୁଶ ପୁତ୍ତଳିକା ଦାହ କରିଥିଲେ ।

# ଡିଗ୍ରୀ ମହାବିଦ୍ୟାଳୟକୁ ଶିକ୍ଷା ନିର୍ଦ୍ଦେଶକ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପରିଦର୍ଶନ

**ବୌଦ୍ଧ :** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ପୁରୁଣାକଟକସ୍ଥିତ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟକୁ ସ୍ଥାୟୀ ସ୍ୱୀକୃତି ଓ ସହବନ୍ଧନ ପ୍ରଦାନ ପ୍ରକ୍ରିୟା ଅନୁସନ୍ଧାନରେ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ସମ୍ବଲପୁର ମୂରଲୀଧର ମାଝୀ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଦଳ ପକ୍ଷରୁ




ମହାବିଦ୍ୟାଳୟର ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯିବା ସହ ପରୀକ୍ଷା ଫଳାଫଳ, କ୍ୟାଶ ବୁକ୍, ଲାଇବ୍ରେରୀ ବ୍ୟବସ୍ଥା ଓ ଅନ୍ୟାନ୍ୟ ଆବଶ୍ୟକ ରେକର୍ଡ ଖତିଆନ କରାଯାଇଥିଲା। ଏହା ସହ ମହାବିଦ୍ୟାଳୟର ଭିତ୍ତିଭୂମି ବୁଲି ଦେଖିବା ସହ କର୍ମଚାରୀମାନଙ୍କ ସହ ବିଭିନ୍ନ ଶିକ୍ଷାଗତ ଓ ପ୍ରଶାସନିକ ବିଷୟରେ ଆଲୋଚନା କରିଥିଲେ। ସମସ୍ତ ବ୍ୟବସ୍ଥା ଏବଂ ରେକର୍ଡ ଯାଞ୍ଚ ପରେ କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିବା ସହ ଭବିଷ୍ୟତରେ ଆହୁରି ଉନ୍ନତମାନର କାର୍ଯ୍ୟ କରିବା ପାଇଁ ମହାବିଦ୍ୟାଳୟକୁ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରମେଶ ଚନ୍ଦ୍ର ତାରେନିଆଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଅପରାଧ ନିୟନ୍ତ୍ରଣ ପାଇଁ ପୋଲିସର ନାଇଟ୍ ବ୍ଲକିଂ ଓ ପାଟ୍ରୋଲିଂ କଡ଼ାକଡ଼ି



**ବାଲେଶ୍ୱର :** ବାଲେଶ୍ୱର ଅଞ୍ଚଳରେ ବଢୁଥିବା ଅପରାଧ ଏବଂ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ବାଲେଶ୍ୱର ପୋଲିସ ପ୍ରଶାସନ ପକ୍ଷରୁ ରାତ୍ରିକାଳୀନ ବ୍ଲକିଂ ଏବଂ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ଡିଜିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୋଲିସ ରେଞ୍ଜରେ ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଏହି ବ୍ୟବସ୍ଥାକୁ ଜୋରଦାର କରାଯାଇଥିବା ସୂଚନା ମିଳିଛି। କେବଳ ତଳସ୍ତରର କର୍ମଚାରୀମାନେ ନୁହେଁ, ବରଂ ଡିଆଇଜିଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏବଂ ଥାନା ଅଧିକାରୀମାନେ ନିଜେ ରାତି ସମୟରେ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଡ୍ୟୁଟିର ତଦାରଖ କରୁଛନ୍ତି। ସହରର ପ୍ରବେଶ ପଥ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ନାକା ଚେକିଂ କରାଯାଇ ଗାଡ଼ିମୋଟର ଯାଞ୍ଚ କରାଯାଉଛି। ବାଲେଶ୍ୱର ସୀମାନ୍ତ ଜିଲ୍ଲା ହୋଇଥିବାରୁ ବାହାର ରାଜ୍ୟରୁ ନିଶାଦ୍ରବ୍ୟ ଚୋରା ଚାଲାଣ ରୋକିବାକୁ ବର୍ଡର ରୋଡ୍‌ଗୁଡ଼ିକରେ ମଧ୍ୟ କଡ଼ା ନଜର ରଖାଯାଉଛି। ଗତ ୩ରୁ ୪ ମାସ ମଧ୍ୟରେ ପୋଲିସ ପ୍ରାୟ ୬୮ ଜଣ ନିଶା ବେପାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଡିଆଇଜି ପିନାକ ମିଶ୍ର ସୂଚନା ଦେଇଛନ୍ତି।ଏହା ସହ ରାତି ସମୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ବ୍ୟକ୍ତି ଏବଂ ଅଶାନ୍ତି ସୃଷ୍ଟି କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ 'ଜିରୋ ଟୋଲରାନ୍ସ' ନୀତି ଆପଣାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷାକୁ ପ୍ରାଥମିକତା ଦିଆଯିବ ବୋଲି ପୋଲିସ ପ୍ରଶାସନ କହିଛି।

### ଶ୍ରୀ ଶ୍ରୀ ରବିଶଙ୍କରଙ୍କ ଜନ୍ମୋତ୍ସବ

# ଯୋଗ, ସେବା ଓ ଧ୍ୟାନ ହେଉଛି ଗୁରୁଦେବଙ୍କ ମୂଳମନ୍ତ୍ର

**ବୌଦ୍ଧ :** ବୌଦ୍ଧ ସହରରେ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଜୀଙ୍କ ୭୦ତମ ଜନ୍ମଦିନ ଅବସରରେ ବିଭିନ୍ନ ସେବାମୂଳକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଧୁମଧାମରେ ପାଳିତ ହୋଇଯାଇଛି। ଆର୍ଟ ଅଫ ଲିଭିଙ୍ଗ, ବ୍ୟକ୍ତି ବିକାଶ କେନ୍ଦ୍ର ବୌଦ୍ଧ ଶାଖା ପକ୍ଷରୁ ଦିନବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଶିବିର, ଦହି ସର୍ବତ ବଣ୍ଟନ ଓ ସାମୂହିକ ଧ୍ୟାନ ମୁଖ୍ୟ ଆକର୍ଷଣ ରହିଥିଲା। ବୌଦ୍ଧ ସଦର ବ୍ଲକ ବଡ଼ିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଳାସିଙ୍ଗା ସ୍ଥିତ ରିଜର୍ଭ ବାଟାଲିୟନ ପରିସରରେ ଆୟୋଜିତ ଯୋଗ ଶିବିରରେ ଆର୍ଟ ଅଫ ଲିଭିଙ୍ଗର ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳଙ୍କ ନେତୃତ୍ୱରେ ଯୋଗ ଶିକ୍ଷୟତ୍ରୀ ସୁନୀତା ଦାଶ, ସ୍ୱେଚ୍ଛାସେବୀ ସୁଜ୍ଞାନ କୁମାର ପାତ୍ର ଓ କୃତ୍ତିବାସ ପଲିଆ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଏଥିରେ ଯୋଗ, ଆସନ ଓ ପ୍ରାଣାୟାମ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେହିପରି ମଧ୍ୟାହ୍ନ ସମୟରେ ବୌଦ୍ଧ ମ୍ୟୁଜିୟମ ଛକରେ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ସାମାଜିକ କର୍ମୀ କେଦାରନାଥ ସାହୁ ଯୋଗଦେଇ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରାଜଲକ୍ଷ୍ମୀ ବିଶ୍ୱାଳ, ସୁଜ୍ଞାନ କୁମାର ପାତ୍ର, କୃତ୍ତିବାସ ପଲିଆ ଓ ସ୍ୱେଚ୍ଛାସେବୀ ବିଜୟ କୁମାର ପ୍ରଧାନ ସମନ୍ୱୟ କରିଥିଲେ।



ସନ୍ଧ୍ୟା ୭ଟା ସମୟରେ ବୌଦ୍ଧ ଚନ୍ଦ୍ରଚୂଡ଼ ମନ୍ଦିର ଆଳତୀ ଘାଟରେ ଶ୍ରୀ ଶ୍ରୀ ରବିଶଙ୍କରଜୀଙ୍କ ଜୟନ୍ତୀ ଉତ୍ସବ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଇଥିଲା। ପ୍ରଥମେ ଗୁରୁଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିବା ବେଳେ ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଆଳତୀ ଘାଟର ପୃଷ୍ଠପୋଷକ ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଯୋଗଦେଇ ଗୁରୁଜୀଙ୍କ ଜୀବନଦର୍ଶନ ଓ ମାନବସେବା ଉପରେ ବିସ୍ତୃତ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଗୁରୁ ବନ୍ଦନା ସହ ଭଜନ ପରିବେଷଣ କରିଥିଲେ। ପରେ ଗୁରୁଦେବଙ୍କ ସ୍ୱରରେ ସାମୂହିକ ଧ୍ୟାନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଶେଷରେ କେକ କାଟି ପ୍ରସାଦ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ୟକ୍ତି ବିକାଶ କେନ୍ଦ୍ର ବୌଦ୍ଧ ଶାଖାର ସ୍ୱେଚ୍ଛାସେବୀ ଚିତ୍ତରଞ୍ଜନ ଦାଶ, ସରୋଜ କୁମାର ସାହୁ, ଡ଼. ସୁଜାତା ସାହୁ, ସୁନୀତା ଦାଶ, ବିଜୟ କୁମାର ସାହୁ, ବିଜୟ କୁମାର ପ୍ରଧାନ, ସୂର୍ଯ୍ୟନାରାୟଣ ପଣ୍ଡା, ସୁଜ୍ଞାନ କୁମାର ପାତ୍ର, ଜ୍ୟୋତିରଞ୍ଜନ ପ୍ରଧାନ, କୃତ୍ତିବାସ ପଲିଆ, କୃଷ୍ଣାଜିନୀ ପଲିଆଙ୍କ ସମେତ ଆଳତୀ ଘାଟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୫ ମେ' ୨୦୨୬

# ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା

**ବଣାଇଁ :** ନାରୀ ଶକ୍ତି ବନ୍ଦନ ଅଧିନିୟମ କୁ ବିରୋଧ କରିଥିବା ବିରୋଧି ଙ୍କ ବିପକ୍ଷ ରେ ନାରୀ ସମାଜ ପକ୍ଷ ରୁ ସମଗ୍ର ଦେଶରେ ବିକ୍ଷୋଭ ପ୍ରଦର୍ଶନ ହେଉଛି। ଏହି କ୍ରମ ରେ ମହିଳା ଙ୍କ ପ୍ରଗତୀ କୁ ବିରୋଧ କରୁଥିବା ରାଜନୈତିକ ଦଳ ଗୁଡ଼ିକ ବିରୁଦ୍ଧ ରେ ଖୁଣ୍ଟଗାଁ ଠାରେ ବିଜେପି ଖୁଣ୍ଟଗାଁ ମଣ୍ଡଳ ପକ୍ଷ ରୁ ମଣ୍ଡଳ ସଭାପତି ନିରାକାର ନାଏକ ଙ୍କ ନେତୃତ୍ୱ ରେ ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦ ଯାତ୍ରା ଖୁଣ୍ଟଗାଁ ଲ୍ୟାମ୍ପ୍ସ ସମ୍ମୁଖ ରୁ ବାହାରି ନୂଆଡିହି ଛକ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମ ରେ ଖୁଣ୍ଟଗାଁ ମଣ୍ଡଳ ର ବିଭିନ୍ନ ଗ୍ରାମ ପଞ୍ଚାୟତ ରୁ ମହିଳା ମାନେ ଯୋଗ ଦେଇଥିବା ବେଳେ ରାଉରକେଲା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ରାଜ୍ୟ ପରିଷଦ ସଦସ୍ୟ ବାସୁଦେବ ସାହୁ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ନାରୀ ଶକ୍ତି ଙ୍କୁ ସମ୍ବୋଧନ କରିଥିଲେ। ଖୁଣ୍ଟଗାଁ ମଣ୍ଡଳ ର ବରିଷ୍ଠ ବିଜେପି ନେତା ପ୍ରଦୀପ କୁମାର ସ୍ୱାଇଁ, ଗଙ୍ଗାଧର ମାହାନ୍ତ, ଲୋକନାଥ ବାରିକ, ନିରଞ୍ଜନ ନାଏକ, ଆରତୀ ନାଏକ ପ୍ରମୁଖ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମ ଆୟୋଜନ ରେ ସହଯୋଗ କରିଥିଲେ।



# ଅମୃତ ସରୋବର ନାଁ ରେ ହରିଲୁଟ

- ମାଟି ବିକ୍ରି କରି ମାଲେ ମାଲ୍ ଜନପ୍ରତିନିଧି
- ଅମୃତ ସରୋବର ଖନନରେ ଦୁର୍ନୀତି
- ମେସିନରେ ପୋଖରୀ ଖୋଳି ବିକି ଦେଲେ ହଜାର ହଜାର ଟ୍ରିପ ମାଟି
- ଜନପ୍ରତିନିଧି ସାଜିଛନ୍ତି ମାଟି ମାଫିଆ



**ହାଟଡିହି :** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକରେ ମନରେଗା ଯୋଜନାରେ ହୋଇଛି ଆଖିବୁଜା ଦୁର୍ନତି । କେତେବେଳେ ଏହି ଯୋଜନାରେ କାର୍ଯ୍ୟ ହୋଇଥିବା ଦର୍ଶାଇ ମିଥ୍ୟା ମଷ୍ଟର ରୋଲ୍ ମାଧ୍ୟମରେ ବିଲ୍ ଉଠାଣ ହଉ କି ମେସିନରେ କାର୍ଯ୍ୟ କରି ଜବ କାର୍ଡ ଧାରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ମନରେଗା ଅର୍ଥ ପ୍ରଦାନ ଭଳି ଅଭିଯୋଗ ହୋଇଥିଲା । ଏବେ ଅଭିନବ ଉପାୟରେ ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ଅର୍ଥ ହଡପ କରୁଥିବା ଅଭିଯୋଗ ହୋଇଛି । ପୋଖରୀ ପୁନଃରୁଦ୍ଧାର ନାଁ ରେ ମାଟି ବିକ୍ରି କରି ମାଲେ ମାଲ ହେଉଛନ୍ତି । ଏଥିସହିତ ପୋଖରୀ ଖନନ ହୋଇଥିବା ଦର୍ଶାଇ ଜବକାର୍ଡ ଧାରୀ ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଇ ପରେ ଉଠାଇ ନେଉଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି ଷଡ଼ଙ୍ଗ ପଞ୍ଚାୟତରୁ । ଏହି ବ୍ଲକର ଷଡ଼ଙ୍ଗ ପଞ୍ଚାୟତର ନସିରପୁର ଗ୍ରାମରେ ମନରେଗା ଯୋଜନାର ଲକ୍ଷ୍ମୀ ସାଗର ପୋଖରୀର ପୁନଃରୁଦ୍ଧାର ନାଁ ରେ ଏକ ପ୍ରକଳ୍ପ ର ଖନନ କାର୍ଯ୍ୟ ଜାରି ରହିଛି । ମିଶନ ଅମୃତ ସରୋବର ଅଧିନରେ ଉକ୍ତ ପୋଖରୀର ପୁନଃରୁଦ୍ଧାର ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା, ଯାହାର କାର୍ଯ୍ୟାଦେଶ ନଂ ହେଉଛି ୨୪୦୩୦୦୯୦୨୪/ଡବ୍ଲୁଏଚ/୧୦୯୭୫୬୮୬ । ପୋଖରୀ ର ପୁନଃରୁଦ୍ଧାର କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ମାସ ୫ ତାରିଖରୁ ଆରମ୍ଭ ହୋଇଥିବା ଦର୍ଶାଯାଇଥିବାବେଳେ ପୋଖରୀର ଖନନ କାର୍ଯ୍ୟ ମେସିନ ସାହାଯ୍ୟରେ କରାଯାଇ ଶହ ଶହ ଟ୍ରିପ ମାଟି ଟ୍ରାକ୍ଟର ସାହାଯ୍ୟରେ ବିଭିନ୍ନ ବ୍ୟକ୍ତିବିଶେଷ ଙ୍କୁ ବିକ୍ରି କରି ଜନପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଭାରତର ସ୍ୱାଧୀନତାର ୭୫ ବର୍ଷ ପାଳନ ଅବସରରେ 'ଆଜାଦୀ କା ଅମୃତ ମହୋତ୍ସବ'ର ଏକ ଅଂଶ ଭାବରେ, ଅମୃତ ସରୋବରଗୁଡ଼ିକର ବିକାଶ ଦେଶର ଭବିଷ୍ୟତ ପାଇଁ ଉତ୍ସର୍ଗ କରିବା ଭଳି ମହତ ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିଲା । ଏଥିରେ ପ୍ରତ୍ୟେକ ଜିଲ୍ଲାରେ ୭୫ ଟି ପୋଖରୀ ନୂତନ ଭାବେ ଖନନ କିମ୍ବା ପୁନଃରୁଦ୍ଧାର କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ପୋଖରୀ ଖନନ ସମୟରେ ବାହାରୁଥିବା ମାଟିକୁ ନିକଟରେ ହେଉଥିବା ରେଳ ପ୍ରକଳ୍ପ କିମ୍ବା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଥିଲେ ମଧ ତାହା ଏଠାରେ ଅନୁପାଳନ କରାଯାଇନାହିଁ । ମେସିନ ସାହାଯ୍ୟରେ ଖନନ ପରେ ଜବକାର୍ଡ ଧାରୀ ଶ୍ରମିକ କାର୍ଯ୍ୟ କରିଥିବା ଦର୍ଶାଇ ମନରେଗା ଅର୍ଥ ପ୍ରଦାନ କରାଯାଉଛି । ଏହି ପ୍ରକଳ୍ପରେ ଏପର୍ଯ୍ୟନ୍ତ ୩୨୭ ଜଣ ଶ୍ରମିକଙ୍କୁ ୨୦୬୭ ଦିନର କାମ କରିଥିବା ଦର୍ଶାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ୫ ଲକ୍ଷ ୬୪ ହଜାର ୨୯୧ ଟଙ୍କା ପ୍ରଦାନ କରାଯାଇଛି ।ଏପରିକି ଉକ୍ତ ପୋଖରୀ ରେ ପାଣି ଭର୍ତ୍ତି ହୋଇଥିଲେ ମଧ୍ୟ ଶ୍ରମିକ ମାନେ କାମ କରୁଥିବା ଦେଖାଇ ସରକାରୀ ଅର୍ଥ ହଡପ କରାଯାଉଛି । ଖନନ କାର୍ଯ୍ୟ ଆରମ୍ଭର ପୂର୍ବ ଓ କାର୍ଯ୍ୟ ସମୟର ଫଟୋ ଏଯାଏଁ ଅପଲୋଡ଼ ହୋଇନଥିବାରୁ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହି ପ୍ରକଳ୍ପ ରେ ହୋଇଥିବା ଦୁର୍ନୀତି ର ଏକ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ବିଜେଡି ପକ୍ଷରୁ ଜିଲ୍ଲାସ୍ତରୀୟ ନାରୀ ଅଧିକାର ଅଭିଯାନ

**କୋଟପାଡ଼ :** କୋଟପାଡ଼ ବିଜୁ ପଟ୍ଟନାୟକ ରିଡିଙ୍ଗ ସେଣ୍ଟେର ଠାରେ କୋଟପାଡ଼ ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଆଜି କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଟପାଡ଼ ଅଞ୍ଚଳର ହଜାର ହଜାର ମହିଳା ମାନଙ୍କ ସମାଗମ ସହିତ ବିଭିନ୍ନ ନାରା ସହିତ ନଗର ପରିକ୍ରମା କରାଯାଇଥିଲା, ବିଶେଷକରି କୋରାପୁଟ ଜିଲ୍ଲାର କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡାଲ,ଜୟପୁର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,କୋଟପାଡ଼ ପୂର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝୀ,ଜିଲ୍ଲା ମହିଳା ସଭାପତି ପାର୍ବତୀ ମସ୍ତି, ଜିଲ୍ଲା ସଭାପତି ଝିନ ହିକ୍କା, କାର୍ଯକାରୀ ସଭାପତି ପ୍ରସାଦ ବିଡ଼ିକା, ଦୁର୍ଗା ମିଶ୍ର, ନାଗରାଜୁ ଦୋରା, ରାଜ୍ୟ ମହିଳା ଉପସଭାପତି ରିତା ପାଣିଗ୍ରାହୀ,ଉପସଭାପତି ଲିଲି ଗୁରୁଡି, କୋଟପାଡ଼ ବ୍ଲକ ଅଧକ୍ଷ କମଳା ଭତରା, ଉପାଦକ୍ଷ ତପନ ପାଣିଗ୍ରାହୀ,ଜିଲ୍ଲାପରିଷଦ ତ୍ରିପତି ଚଲାଣ,ଗୀତା ମାଝୀ,ସରପଞ୍ଚ ଦେବ ମାଝୀ,କମଳା ପୂଜାରୀ,ଜଗମୋହନ ମାଝୀ, ପୁଷ୍ପା ପୂଜାରୀ,ପୂର୍ଣ୍ଣ ପୂଜାରୀ,କେ.ସି.ସି ବ୍ୟାଙ୍କ ଉପସଭାପତି ଦ୍ରୁପଦା ଭତରା,କୋଟପାଡ଼ ବିଜେଡି ଦଳର ବରିଷ୍ଠ କର୍ମୀ ବିରେନ ବିଶୋଇ,ଏମଡ଼ି ସଲ୍ଲିମ୍,ତ୍ରିପତି ମହାନ୍ତି,ଈଶ୍ୱର ମହାନ୍ତି,ପ୍ରଶାନ୍ତ ମହାନ୍ତି,ଶିବ ପଟ୍ଟନାୟକ, ଶ୍ରୀମନ୍ତ ପଣ୍ଡାଙ୍କ ସହ ସମିତି ସଭ୍ୟ ଗୁରୁନାଥ ହରିଜନ, ପ୍ରତାପ ସାହୁ, ଅଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା,ବିଶେଷ କରି ବିଭିନ୍ନ ନାରା ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି ମହିଳା ନେତ୍ରୀ ମାନେ,ଏହି ଅବସରରେ ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ତିଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଜୁ ପଟନାୟକ ରିଡିଙ୍ଗ ସେଣ୍ଟର ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବିଜେଡି ଦଳର ବହୁ ଆଗ ଧାଡ଼ିର ନେତା, ନେତ୍ରୀ ଙ୍କ ଠାରୁ ଆରମ୍ଭ କରି ହଜାର ହଜାର ମହିଳା ଓ ବିଜୁ ପ୍ରେମୀ ସାମିଲ ହେବା ସହ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇ ସହର ପରିକ୍ରମା କରି ଶେଷରେ ବିଜୁ ପଟ୍ଟନାୟକ ରିଡିଙ୍ଗ ସେଣ୍ଟର ଠାରେ ଅନୁଷ୍ଠିତ ସଭାରେ ଯୋଗ ଦେଇଥିଲେ,ରାଜ୍ୟ ସରକାରଙ୍କ ୩୦୦ ୟୁନିଟ ମାଗଣା ବିଜୁଳିର ମିଛ ପ୍ରତିଶୃତି, ପ୍ରତି ମହିଳାଙ୍କୁ ୫୦ ହଜାର ଦେବାକୁ କହି ଠକିବା,ମହିଳା ସଂରକ୍ଷଣ ନ କରିବା, ପ୍ରତି ବ୍ଲକରେ ୧୦୦ ନିଯୁକ୍ତି ଦେବାକୁ କହି ଠକିବା ଭଳି ଆହୁରି ଅନେକ ଅଭିଯୋଗ ଆଣିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏ ରଙ୍ଗ ଦିଆ ସରକାରକୁ ଓଡିଶାର ମହିଳା ଉଚିତ ଜବାବ ଦେବେ ବୋଲି ମହିଳା ନେତ୍ରୀ ରଣ ହୁଙ୍କାର ଦେଇଥିଲେ ! କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ବିଜେଡି ସଭାନେତ୍ରୀ ପାର୍ବତୀ ମସ୍ତି ଧନ୍ୟବାଦ ଅର୍ପଣ କରି ସଭାକୁ ଭଙ୍ଗ କରିଥିଲେ।




## ଏଫ୍.ଏମ୍. କଲେଜ ଛାତ୍ରୀ ନିର୍ଯାତନା ଘଟଣା
# ଦୁଇ ସହକାରୀ ପ୍ରଫେସରଙ୍କ ବଦଳି



**ବାଲେଶ୍ୱର :** ବାଲେଶ୍ୱର ଏଫ୍.ଏମ୍. (ସ୍ୱୟଂଶାସିତ) ମହାବିଦ୍ୟାଳୟରେ ଛାତ୍ରୀ ନିର୍ଯାତନା ଘଟଣାକୁ ନେଇ ଉଚ୍ଚଶିକ୍ଷା ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଓଡ଼ିଆ ବିଭାଗର ଦୁଇ ସହକାରୀ ପ୍ରଫେସର ଡଃ ସନ୍ତୋଷ କୁମାର ନାୟକ ଓ ମଧୁସ୍ମିତା ଘଡେଇଙ୍କୁ ବଦଳି କରାଯାଇଥିବା ସୂଚନା ମିଳିଛି।ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଡଃ ସନ୍ତୋଷ କୁମାର ନାୟକଙ୍କୁ ବାଲେଶ୍ୱର ଏଫ୍.ଏମ୍. କଲେଜରୁ ଅନୁଗୁଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବଦଳି କରାଯାଇଥିବାବେଳେ, ମଧୁସ୍ମିତା ଘଡେଇଙ୍କୁ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି।ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଏଫ୍.ଏମ୍. କଲେଜର କିଛି ଛାତ୍ରଛାତ୍ରୀଙ୍କୁ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପରେ ୧୫୮୪ ନମ୍ବର ନିର୍ଦ୍ଦେଶ ଅନୁସାରେ ଉଭୟଙ୍କୁ ତୁରନ୍ତ ପଦରୁ ହଟାଯାଇଥିଲା ଏବଂ କଲେଜ ଆଭ୍ୟନ୍ତରିକ କମିଟିକୁ ତଦନ୍ତ ଭାର ଦିଆଯାଇଥିଲା। ବଦଳି ସମ୍ବନ୍ଧୀୟ ବିଜ୍ଞପ୍ତିର ନକଲ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସମେତ ସମ୍ପୃକ୍ତ ବିଭାଗକୁ ପଠାଯାଇଥିବା ଜଣାପଡ଼ିଛି।

# କରଡ଼ି ଗ୍ରାମରେ ଅବୈଧ ଜଳ ସଂଯୋଗ ଉପରେ ପ୍ରଶାସନର ଚଢ଼ଉ



**ବୌଦ୍ଧ :** ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ନିର୍ଦ୍ଦେଶକ୍ରମେ ହରଭଙ୍ଗା ବ୍ଲକ ଅନ୍ତର୍ଗତ ବିରନରସିଂହପୁର ଗ୍ରାମପଞ୍ଚାୟତର କରଡ଼ି ଗ୍ରାମରେ ସରକାରୀ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ହୋଇଥିବା ଅବୈଧ ସଂଯୋଗ ଓ ଅନଧିକୃତ ସକ୍ସନ ପମ୍ପ ବ୍ୟବହାର ବିରୋଧରେ ବିଶେଷ ଚଢ଼ାଉ କରାଯାଇଥିଲା। ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଅତିରିକ୍ତ ତହସିଲଦାର ତଥା ଏକ୍ଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟ ସନ୍ଦୀପ ସୁଭଦର୍ଶନ ଧଳ, ଏବିଡିଓ ସତ୍ୟ ପ୍ରିୟ ସାହୁ, ପୋଲିସ ବଳ ଓ ଆରଡବ୍ଲ୍ୟୁଏସଏସ୍ କର୍ମଚାରୀ ଉପସ୍ଥିତ ଥିଲେ। ଚଢ଼ାଉ ସମୟରେ ସରକାରୀ ପାଣି ପାଇପ ଲାଇନରୁ ଅନଧିକୃତ ଭାବେ ଲଗାଯାଇଥିବା ସକ୍ସନ ପମ୍ପ ଜବତ ଓ ବିଚ୍ଛିନ୍ନ କରାଯାଇଥିଲା। ଏହା ଫଳରେ ଗ୍ରାମର ଶେଷ ପ୍ରାନ୍ତର ଲୋକମାନେ ପାଣି ପାଇବାରେ ସମସ୍ୟା ଭୋଗୁଥିବା ଅଭିଯୋଗ ଥିଲା। ସମସ୍ତଙ୍କୁ ସରକାରୀ ଜଳ ଯୋଗାଣ ବ୍ୟବସ୍ଥାର ସଠିକ୍ ବ୍ୟବହାର କରିବା ସହ ଅବୈଧ ସଂଯୋଗରୁ ବିରତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ମହିଧରପଡ଼ାରେ ଅଷ୍ଟମପ୍ରହର ନାମଯଜ୍ଞ ସମ୍ପନ୍ନ

**ଫୁଲନଖରା :** କଟକ ସଦର ଥାନା ଅନ୍ତର୍ଗତ ମହିଧରପଡ଼ା ମେଡିକାଲ ଛକ ବଜାର ପରିସରରେ ଚଳିତ ବର୍ଷ ୨୦୨୬ ମସିହାର ଚତୁର୍ବିଂଶ (୨୪ତମ) ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶ ମଧ୍ୟରେ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି। ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ପବିତ୍ର ଧାର୍ମିକ ଆୟୋଜନ ୧୩ ତାରିଖ ଦିନ ଓ ରାତି ଧରି ଅହରହ ହରିନାମ ସଂକୀର୍ତ୍ତନରେ ମୁଖରିତ ରହିଥିଲା। ଭକ୍ତମାନଙ୍କର ହରିବୋଲ ଧ୍ୱନି, ମୃଦଙ୍ଗ ଓ ଝାଞ୍ଜର ତାଳରେ ସମଗ୍ର ଅଞ୍ଚଳ ଭକ୍ତିରସରେ ଭିଜିଯାଇଥିଲା। ୧୪ ତାରିଖ ସକାଳରେ ମହିଧରପଡ଼ା ଓ ଖଣ୍ଡାଗର ଗ୍ରାମରେ ଭବ୍ୟ ନଗର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। କୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରିବା ସମୟରେ ଭକ୍ତମାନେ ଉତ୍ସାହର ସହ ଯୋଗଦେଇ ଆଧ୍ୟାତ୍ମିକ ପରିବେଶକୁ ଆହୁରି ଉଜ୍ଜ୍ୱଳ କରିଥିଲେ। ଏହି ଧାର୍ମିକ ଉତ୍ସବକୁ ସଫଳ କରିବାରେ ମହିଧରପଡ଼ା ଓ ଖଣ୍ଡାଗର ଗ୍ରାମବାସୀମାନଙ୍କର ସକ୍ରିୟ ସହଯୋଗ ଓ ଅନନ୍ୟ ଭକ୍ତିଭାବ ପ୍ରଶଂସନୀୟ ରହିଥିଲା। ପ୍ରତିବର୍ଷ ଏହି ନାମଯଜ୍ଞ ଆୟୋଜନ ମାଧ୍ୟମରେ ଅଞ୍ଚଳରେ ଧାର୍ମିକ ସଦ୍ଭାବ, ଭ୍ରାତୃତ୍ୱ ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାରିତ ହେଉଛି। ଚଳିତ ବର୍ଷର ଅଷ୍ଟମ ପ୍ରହରରେ ସୁନ୍ଦରଗ୍ରାମର ଅଗା ବାବାଙ୍କ ନେତୃତ୍ୱରେ ବରିମୁଣ୍ଡ କୀର୍ତ୍ତନ ଦଳ ଭକ୍ତିମୟ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ତାଙ୍କର ସୁମଧୁର କୀର୍ତ୍ତନ ଓ ଭକ୍ତିପୂର୍ଣ୍ଣ ପରିବେଷଣ ଉପସ୍ଥିତ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉତ୍ସବରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ, ସ୍ଥାନୀୟ ବୁଦ୍ଧିଜୀବୀ ଓ ଯୁବମାନେ ଯୋଗଦେଇ ହରିନାମରେ ମଗ୍ନ ହୋଇଥିଲେ।

# ଟ୍ରାକ୍ଟର-ଅଟୋ ମୁହାଁମୁହିଁ ଧକ୍କା, ଜଣେ ମୃତ ୪ ଗୁରୁତର



**ଚିକିଟୀ:** କେ ନୂଆଗାଁ ଥାନାକନ୍ଧ ଖୁଦୁଡ଼ି ଛକ ନିକଟରେ ଦିବା ପ୍ରାୟ ୧୨.୩୦ ମିନିଟରେ ଟ୍ରାକ୍ଟର - ଅଟୋ ମୁହାଁମୁହିଁ ଧକ୍କା ହେବ। ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ ହୋଇଛି ଦେଓଖାଳି ଗ୍ରାମର ଅମ୍ବିକା ପ୍ରଧାନ ମୃତ୍ୟୁ ହୋଇଛି । ମୃତ ବ୍ୟକ୍ତିଜଣକ ଦେଖାଳି ଗ୍ରାମର ଅମ୍ବିକା ପ୍ରଧାନ ବୋଲି ଜଣାପଡିଥିବା ବେଳେ ଚିକିଟି ବ୍ଲକ କେ ଖୁଦୁଡ଼ି ଗ୍ରାମର ସୁଶୀଳା ମଲ୍ଲିକ (୩୫), ଲାଲମେଣ୍ଟ ଗ୍ରାମର ବିଷ୍ଣୁ ପ୍ରିୟା ପ୍ରଧାନ (୨୮),ଏବଂ ପୁଅ ନାବାଳକ ମହେଶ ମଲ୍ଲିକ (୧୦), ଡ୍ରାଇଭର ଥବୀର ସାହୁ(୩୫) ଆହତ ହୋଇଥିବା ଜଣାପଡୁଛି । ସୂଚନା ମୁତାବକ ଲାଲମେଣ୍ଟା ଗ୍ରାମର ପଦ୍ମଲୋଚନ ପ୍ରଧାନ ତାଙ୍କ ପତ୍ନୀ ବିଷ୍ଣୁ ପ୍ରିୟା ପ୍ରଧାନ ଉଭୟେ ଚିକିଟି ପେଣ୍ଠ ରେ ପିଲା ଙ୍କ ପାଠପଢିବା ସକାଶେ ରହୁଥିଲେ । ଦେଖାଳି ଗ୍ରାମରେ ଯାତ୍ରା ଦେଖିବା ସକାଶେ ନିଜ ପରିବାର ଙ୍କୁ ଧରି ଦେଖାଳି ସ୍ଥିତ ଶାଶୁ ଅମ୍ବିକା ପ୍ରଧାନ ଙ୍କ ଘରକୁ ଆସିଥିଲେ । ଯାତ୍ରା ସରିବା ପରେ ଦେଖାଳି ଛକରେ ଅଟୋ ଯୋଗେ ଚିକିଟିକୁ ଫେରୁଥିବା ସମୟରେ କେ. ଖୁଦୁଡ଼ି ନିକଟରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ଟ୍ରାକ୍ଟର ସହିତ ମୁହଁାମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳ ରେ ଡ୍ରାଇଭର ଥବିର ସମେତ ୪ ଜଣ ଗୁରୁତର ଆହତ ହୋଇଥିଲେ କ୍ଷ ସ୍ଥାନୀୟ ଲୋକେ ଆହତ ଅବସ୍ଥାରେ ଡ୍ରାଇଭର ଥବିର, ବିଷ୍ଣୁ ପ୍ରିୟା, ସୁଶୀଳା, ମହେଶ, ଅମ୍ବିକା ଙ୍କୁ ଉଦ୍ଧାର କରି ଚିକିଟି ଗଡ଼ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରାଇଥିଲେ । ସମସ୍ତ ଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସା ଚାଲିଥିବା ସମୟରେ ଅମ୍ବିକା ପ୍ରଧାନ ଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହେଉଥିବା ଜଣାପଡୁଛି । କୌଣସି ସୂତ୍ରରୁ ଖବର ପାଇ କେ ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ ଘଟଣା ସ୍ଥଳରେ ପହଂଚି ଉଭୟେ ଗାଡି କୁ ଜବତ କରି ଥାନା ପରିସର କୁ ଅଣାଯିବା ସହ ଘଟଣା ଟି ର ତଦନ୍ତ ଚାଲୁ ରହିଥିବା କହିଛନ୍ତି ।

## କଟକ ସଦରରେ ଭବ୍ୟ ମେଧା ସମ୍ମାନ ଉତ୍ସବ

# ମାଟ୍ରିକରେ କୃତୀ ୨୪୩ ଛାତ୍ରଛାତ୍ରୀ ଓ ୧୦ ପ୍ରଧାନଶିକ୍ଷକ ସମ୍ବର୍ଦ୍ଧିତ




**ଫୁଲନଖରା :** କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବୟାଳିଶମୌଜା ସ୍ଥିତ ଯଶୋଦା ଗାର୍ଡେନ୍ରେ ମେଧା ସମ୍ମାନ ପରିଷଦ ପକ୍ଷରୁ ଭବ୍ୟ ଭାବରେ ମେଧା ସମ୍ମାନ ଉତ୍ସବ–୨୦୨୬ ଆୟୋଜିତ ହୋଇଥିଲା। ଏହି ଅବସରରେ ୨୦୨୬ ମସିହାର ମାଟ୍ରିକ ପରୀକ୍ଷାରେ ଏ ୱାନ ଓ ଏଟୁ ଗ୍ରେଡ୍ରେ ଉତ୍ତୀର୍ଣ୍ଣ ହୋଇଥିବା କଟକ ସଦର ଅଞ୍ଚଳର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମଟି କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ କହିଥିଲେ ଯେ, ଶିକ୍ଷା ହେଉଛି ସମାଜ ଗଠନର ସବୁଠୁ ସକ୍ତିଶାଳୀ ଆଧାର। ଆଜି ସମ୍ମାନିତ ହେଉଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ରାଜ୍ୟ ଓ ଦେଶର ଗୌରବ ବଢ଼ାଇବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାକାଳପଡ଼ା ବିଧାୟକ ସାରଦା ପ୍ରସନ୍ନ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଧ୍ୟବସାୟ, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ସହିତ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଯୋଗଦେଇ କହିଥିଲେ ଯେ, ସଫଳତା ପାଇଁ ଲକ୍ଷ୍ୟନିଷ୍ଠା, ପରିଶ୍ରମ ଓ ନିରନ୍ତର ପ୍ରୟାସ ଅତ୍ୟାବଶ୍ୟକ। ସେ ଛାତ୍ରଛାତ୍ରୀଙ୍କୁ ବଡ଼ ସ୍ୱପ୍ନ ଦେଖି ସେହି ସ୍ୱପ୍ନ ସାକାର କରିବାକୁ ଉତ୍ସାହିତ କରିଥିଲେ। ଏହି ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, କଟକ ସଦର ତହସିଲଦାର ଦେବଦତ୍ତ ପ୍ରଧାନ, ବିଡିଓ ପ୍ରତୀକ ସାହୁ, ଏଡିଇଓ ମନୋରଞ୍ଜନ ବାରିକ, ଅଭିଜିତା ଭାସ୍କର, ସନ୍ତୋଷ କୁମାର ସେଠୀ, କଟକ ସଦର ବିଇଓ ପ୍ରିୟଙ୍କା ବେହେରା ଏବଂ ନିଶ୍ଚିନ୍ତକୋଇଲି ବିଇଓ ସଞ୍ଜୁକ୍ତା ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ଏ ୱାନ ଗ୍ରେଡ୍ରେ ଉତ୍ତୀର୍ଣ୍ଣ ୫୧ ଜଣ ଓ ଏ ଟୁ ଗ୍ରେଡ୍ରେ ଉତ୍ତୀର୍ଣ୍ଣ ୧୯୨ ଜଣ, ମୋଟ ୨୪୩ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମାରକ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ସଫଳତା ଅର୍ଜନ କରିଥିବା ୧୦ଟି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ମଧ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶିକ୍ଷା କ୍ଷେତ୍ରରେ ସେମାନଙ୍କର ଅବଦାନକୁ ଅତିଥିମାନେ ଭୁୟସୀ ପ୍ରଶଂସା କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସିଆରସିସି, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସୁଚାରୁ ଭାବରେ ପରିଚାଳନା କରିଥିଲେ। ଉତ୍ସବରେ ଅଭିଭାବକ, ଶିକ୍ଷକ ଓ ସ୍ଥାନୀୟ ଶିକ୍ଷାପ୍ରେମୀମାନଙ୍କର ବ୍ୟାପକ ଉପସ୍ଥିତି ଦେଖାଯାଇଥିଲା। ଏହି ମେଧା ସମ୍ମାନ ଉତ୍ସବ କୃତୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ସ୍ୱୀକୃତି ଦେବା ସହ ଆଗାମୀ ପିଢ଼ିକୁ ଶିକ୍ଷା କ୍ଷେତ୍ରରେ ଅଧିକ ଉତ୍ସାହିତ କରିବାରେ ଏକ ପ୍ରେରଣାଦାୟକ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati